# ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



## ଖବର

# ନ୍ୟୁଜ୍ ରିଲ୍: କିସିକ୍ ଗାର୍ଲ ଶ୍ରୀଲୀଲା



'ପୁଷ୍ପା: ଦି ରୁଲ୍'ର 'କିସିକ୍' ଗୀତରେ ମନଛୁଆଁ ନୃତ୍ୟକରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଶ୍ରୀଲୀଲା। 'ପୁଷ୍ପା-୨' ରିଲିଜ୍ ପରେ ଚର୍ଚ୍ଚିତ ଚେହେରା ପାଲଟିଛନ୍ତି କନ୍ନଡ଼ ତଥା ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିର ଏହି ଲୋକପ୍ରିୟ ନାୟିକା। 'କିସିକ୍' ଗୀତରେ ନାୟକ ଅଲ୍ଲୁ ଅର୍ଜୁନଙ୍କ ସହ ତାଙ୍କର ନୃତ୍ୟଶୈଳୀ ପ୍ରାୟ ସବୁ ଶ୍ରେଣୀର ଦର୍ଶକଙ୍କୁ ଅଭିଭୂତ କରିଛି। ମାତ୍ର ୨୩ବର୍ଷ ବୟସରେ ଦକ୍ଷିଣ ସିନେଶିଳ୍ପର ଅଧିକାଂଶ ସୁପର୍ଷ୍ଟାର୍ଙ୍କ ସହ କାମ କରିସାରିଥିବା ଶ୍ରୀଲୀଲା ଏବେ ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ପରିଗଣିତ ହେଉଛନ୍ତି।୨୦୦୧ ମସିହାରେ ଆମେରିକାର ମିସିଗାନ୍ର ଡେଟ୍ରଏଟ୍ରେ ଏକ ତେଲୁଗୁ ପରିବାରରେ ଶ୍ରୀଲୀଲାଙ୍କର ଜନ୍ମ। ପାଠ ପଢୁଥିବା ବେଳେ ୨୦୧୭ ମସିହାରେ ତେଲୁଗୁ ସିନେମା 'ଚିତ୍ରାଙ୍ଗଦା' ଜରିଆରେ ତାଙ୍କ ଅଭିନୟ ଜୀବନର ମୂଳଦୁଆ ପଡ଼ିଥିଲା। ତେବେ ୨୦୧୯ରେ କନ୍ନଡ଼ ଛବି 'କିସ୍'ରୁ ନାୟିକା ଭାବେ କ୍ୟାରିୟର୍ ଆରମ୍ଭ କରିଥିଲେ ଭରତନାଟ୍ୟମ୍ ପ୍ରଶିକ୍ଷଣପ୍ରାପ୍ତ ଶ୍ରୀଲୀଲାୟ 'ଆଦିକେଶବ', 'ଧମାକା', 'ସ୍କନ୍ଦ', 'ଗୁ□ୁର କରମ', 'ମେଲି ସଣ୍ଡଦ', 'ଉସ୍ତାଦ ଭଗତ ସିଂହ', 'ଏକ୍ସଟ୍ରାଅର୍ଡିନାରି ମ୍ୟାନ୍', 'ରବିନହୁଡ୍', 'ଭିଡି ୧୨', 'ଭାଗବନ୍ତ କେଶରୀ' ଆଦି ଫିଲ୍ମରେ ମହେଶବାବୁ ଓ ବାଲକ୍ରିଷ୍ଣଙ୍କ ଭଳି ଦକ୍ଷିଣୀ ସୁପର୍ଷ୍ଟାର୍ଙ୍କ ନାୟିକା ବନିଛନ୍ତି ସେୟ ଚିତ୍ତାକର୍ଷକ ଅଭିନୟ ଓ ସୌନ୍ଦର୍ଯ୍ୟ ଭାରତୀୟ ସିନେମାରେ ତାଙ୍କୁ ଏକ ନୂଆ ପରିଚୟ ଦେଇଥିବା ବେଳେ ଏବେ ଅଫର୍ର ସୁଅ ଛୁଟିଥିବା ଜଣାଯାଇଛି। ଅଭିନୟରେ ଥିଲେ ହେଁ ପାଠପାରେ କିଛି କମ୍ ନୁହନ୍ତି ଶ୍ରୀଲୀଲା। ସେ ଜଣେ ଏମ୍ବିବିଏସ୍ ଡାକ୍ତରୟ ୨୦୨୧ରେ ଏମ୍ବିବିଏସ୍ ସାରିଥିଲେ ମଧ୍ୟ ଏବେ ସେ ଫିଲ୍ମରେ ସକ୍ରିୟ ଅଛନ୍ତି। ଉଲ୍ଲେଖଯୋଗ୍ୟ, ତାଙ୍କ ମା' ଡ. ସ୍ୱର୍ଣ୍ଣଲତା ଜଣେ ଜଣାଶୁଣା ପ୍ରସୂତୀ ଓ ସ୍ତ୍ରୀରୋଗ ବିଶେଷଜ୍ଞ।

# ବ୍ରହ୍ମକପାଳ ତୀର୍ଥ




ବଦ୍ରିନାଥ ଧାମ ନିକଟବର୍ତ୍ତୀ ଅଳକାନନ୍ଦା ନଦୀ ତଟରେ ରହିଛି ବ୍ରହ୍ମକପାଳ ତୀର୍ଥ । ଏହି ତୀର୍ଥସ୍ଥଳୀରେ ପିତୃପକ୍ଷ ଅବସରରେ ପିଣ୍ଡଦାନ ନିମନ୍ତେ ଦେଶର କୋଣ-ଅନୁକୋଣରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି । ଏଠାରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ବ୍ରହ୍ମକପାଳ ତୀର୍ଥ ସମ୍ବନ୍ଧରେ ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଏଠାରେ ପିଣ୍ଡ ପାଉଥିବା ପିତୃପୁରୁଷ ମୋକ୍ଷ ତଥା ମୁକ୍ତି ପାଇ ପରମାତ୍ମାଙ୍କ ଠାରେ ବିଲୀନ ହୋଇଯାଇଥାନ୍ତି । ଏଠାରେ ଥରୁଟିଏ ପିଣ୍ଡଦାନ ଏବଂ ତର୍ପଣ କରିବା ପରେ ଅନ୍ୟ ସ୍ଥାନ ପିଣ୍ଡଦାନର ଆବଶ୍ୟକତା ନଥାଏ । ପୁରାଣରେ ଉଲ୍ଲେଖ ରହିଛି ଯେ ଥରେ ବେଦ ନିନ୍ଦା କରୁଥିବା କାରଣରୁ ଦେବ ଦେବ ମହାଦେବ କ୍ରୋଧିତ ହୋଇ ବ୍ରହ୍ମାଙ୍କର ଗୋଟିଏ ମୁଣ୍ଡ କାଟି ଦେଇଥିଲେ। ପୂର୍ବରୁ ବ୍ରହ୍ମାଙ୍କର ୫ଟି ମୁଣ୍ଡ ଥିଲା, ଗୋଟିଏ ମୁଣ୍ଡ କଟିଯିବା ପରେ ୪ଟି ରହିଲା ।ହେଲେ ବ୍ରହ୍ମହତ୍ୟା ଦୋଷ ଲାଗିବାରୁ ଭଗବାନ ଶିବଙ୍କ ତ୍ରିଶୂଳରୁ ବ୍ରହ୍ମାଙ୍କର କଟା ମୁଣ୍ଡ ବାହାରିଲା ନାହିଁ । ଭଗବାନ ଶିବ ଅନେକ ତୀର୍ଥ ଭ୍ରମଣ କଲେ, ମାତ୍ର ବ୍ରହ୍ମହତ୍ୟା ଦୋଷରୁ ମୁକ୍ତି ପାଇପାରିଲେ ନାହିଁ । ଶେଷରେ ସେ ବ୍ରହ୍ମକପାଳ ତୀର୍ଥ ନିକଟରେ ପହଞ୍ଚିଲେ। ସେଠାରୋ ଅଳକାନନ୍ଦା ନଦୀରେ ସ୍ନାନ କରିବା ପରେ ବଦ୍ରିକାଶ୍ରମ ଦିଗରେ ଅଗ୍ରସର ହେଲେ। ଏହି ସମୟରେ ଚମତ୍କାର ଘଟିଲା। ମହାଦେବଙ୍କ ତ୍ରିଶୂଳରୁ ବ୍ରହ୍ମାଙ୍କ କଟାମୁଣ୍ଡ ବାହାରିଗଲା। ଫଳରେ ବ୍ରହ୍ମକପାଳ ତୀର୍ଥର ଦିବ୍ୟତ୍ୱ ସିଦ୍ଧ ହୋଇପାରିଲା। ସେବେଠାରୁ ବ୍ରହ୍ମକପାଳ ତୀର୍ଥରେ ପିଣ୍ଡଦାନ କରି ପିତୃପୁରୁଷଙ୍କୁ ସମସ୍ତ ପାପଭାରରୁ ମୁକ୍ତି ଦେବା ଲାଗି ଶ୍ରଦ୍ଧାଳୁମାନେ ଏହି ତୀର୍ଥସ୍ଥାନକୁ ଛୁଟି ଆସିଥାନ୍ତି ।

# କେଶ ଝଡ଼ିବା କମ୍ କରେ ପେଜ



ଭାତ ଗାଳି ସାରିବା ପରେ ଏହାର ପେଜକୁ ଅଦରକାରୀ ଭାବି ଆମେ ଫିଙ୍ଗି ଦେଇଥାଉ। ଏହାକୁ ନଫିଙ୍ଗି ଘରୋଇ ଉପଚାର ଭାବରେ ଆପଣ ବ୍ୟବହାର କରିପାରିବେୟ ତ୍ୱଚା ଓ କେଶକୁ ସୁନ୍ଦର କରିବା ପାଇଁ ପେଜକୁ ବ୍ୟବହାର କରାଯାଇଥାଏ। ଚାଉଳ ପାଣି ବା ପେଜ ଆପଣଙ୍କ ତ୍ୱଚାକୁ ଟାଇଟ୍ କରି କେଶକୁ ସୁସ୍ଥ ରଖିଥାଏ। କେବଳ ଏତିକି ନୁହେଁ, ପେଜ ଆପଣଙ୍କ ଶରୀରରେ ବ୍ଲଡ୍ ସର୍କୁଲେସନକୁ ବୃଦ୍ଧି କରିଥାଏ। ତା'ହେଲେ ଆସନ୍ତୁ ଜାଣିବା ପେଜକୁ କିପରି କେଶରେ ବ୍ୟବହାର କରାଯାଇଥାଏ।

୧. ଗୋଟିଏ ଗ୍ଲାସ୍ ପେଜରେ କିଛି ବୁନ୍ଦା ଗୋଲାପ ଜଳ, ଲାଭେଣ୍ଡର ଓ ଏସେନସିଆଲ୍ ଅଏଲ୍ ମିଶାନ୍ତୁ।

୨. ଏହାପରେ କେଶରେ ଶାମ୍ପୁ ଲଗାଇ ପେଜ ପାଣିରେ ଧୁଅନ୍ତୁ। କେଶରେ ଏହି ପାଣିକୁ ୨୦ ମିନିଟ୍ ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ।

୩. କେଶରେ ପେଜ ପାଣି ଲଗାଇ ଭଲ ଭାବରେ ମାଲିସ କରନ୍ତୁ।

୪. ଏହାପରେ କେଶକୁ ଧୋଇ ଦିଅନ୍ତୁ। ଏହିପରି ସପ୍ତାହକୁ ଥରେ କେଶରେ ପେଜ ପାଣି ଲଗାନ୍ତୁୟ ଦେଖିବେ କେଶ ଝଡ଼ିବା କମ୍ ହୋଇଯିବ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ ପେଜ ବା ଚାଉଳ ପାଣିରେ ଇନୋସିଟୋଲ ଓ କାର୍ବୋହାଇଡ୍ରେଟ୍ ରହିଛି। ତେଣୁ ଏହାକୁ କେଶରେ ଲଗାଇ ସାରିବା ପରେ ମଧ୍ୟ ଇନୋସିଟୋଲ ଆପଣଙ୍କ କେଶରେ ରହିଥାଏ ଏବଂ କେଶକୁ ନଷ୍ଟ ହେବାରୁ ରକ୍ଷା କରିଥାଏ।ଏହା ବ୍ୟତୀତ ପେଜରେ ଆମିନୋ ଏସିଡ୍ ରହିଛି, ଯାହା କେଶ ମୂଳକୁ ମଜବୁତ କରି ଘନକଳା କରିଥାଏ। ଯାହା ଯୋଗୁଁ ଆପଣଙ୍କ କେଶ ସାଇନ୍ କରିଥାଏୟ ଏଥିପାଇଁ ଚାଉଳ ପାଣି ବା ପେଜ ଖୁବ୍ ଲାଭକାରୀ ଓ ସୁରକ୍ଷିତୟ ପେଜର କୌଣସି ସାଇଡ୍ ଇଫେକ୍ଟ ମଧ୍ୟ ନାହିଁ।

# କେଉଁ ବାରରେ ନୂଆ ଲୁଗା ପିନ୍ଧିବା ଅଶୁଭ



ଓଡ଼ିଆ ପରମ୍ପରାରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଏ। ଆଉ ସବୁ ପର୍ବରେ ପ୍ରାୟ ସମସ୍ତେ ନୂଆ ଲୁଗା ପିନ୍ଧନ୍ତି। ବିଶେଷ କରି ଘରର ମହିଳାମାନେ ସବୁ ପୂଜା ପାର୍ବଣରେ ନୂଆ ଲୁଗା ପିନ୍ଧିଥାନ୍ତି। ହେଲେ ଆପଣ ଜାଣନ୍ତି, ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ସପ୍ତାହରେ ସବୁ ବାରରେ ନୂଆ ବସ୍ତ୍ର ପିନ୍ଧିବା ଉଚିତ୍ ନୁହେଁ। କିଛି ବାର ଏମିତି ଅଛି ଯେଉଁଥିରେ ନୂଆ ପିନ୍ଧିବା ଅଶୁଭ। ତେବେ ଆସନ୍ତୁ ଏ ସମ୍ପର୍କରେ ଟିକେ ଅଧିକ ଜାଣିବା।

**ସୋମବାର:** ଯଦି ମହିଳାମାନେ ସୋମବାର ଦିନ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ତାଙ୍କର ଉନ୍ନତି ହେବ, କ୍ୟାରିୟରରେ ସଫଳତା ପାଇବେ।

**ମଙ୍ଗଳବାର:** ଏହି ଦିନ ମହିଳାମାନେ ନୂଆ ବସ୍ତ୍ର ପିନ୍ଧିଲେ ସେମାନଙ୍କର ଆୟୁଷ କମିଯାଏ। କିନ୍ତୁ ଲାଲ୍ ରଙ୍ଗର ବସ୍ତ୍ର ପରିଧାନ କଲେ ଶୁଭ ଫଳ ପ୍ରାପ୍ତି ହୋଇଥାଏ।

**ବୁଧବାର:** ଏହିଦିନ ଯଦି ମହିଳାମାନେ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ସେମାନଙ୍କୁ ସୌଭାଗ୍ୟ ଫଳ ପ୍ରାପ୍ତି ହୋଇଥାଏ ଏବଂ ସମାଜରେ ତାଙ୍କର ମାନ ସମ୍ମାନ ଓ ପ୍ରତିଷ୍ଠା ମଧ୍ୟ ବଢ଼ିଥାଏ।

**ଗୁରୁବାର:** ସେହିଭଳି ଗୁରୁବାର ଦିନ ନୂଆ ବସ୍ତ୍ର ପିନ୍ଧି ମହିଳାମାନେ ମାଆ ଲକ୍ଷ୍ମୀଙ୍କୁ ପୂଜା କଲେ ମାଆ ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ତାଙ୍କ ଘରେ କେବେ ହେଲେ ଧନ ଅଭାବ ଦେଖା ଦିଏନାହିଁ।

ଶୁକ୍ରବାର: ଶୁକ୍ରବାର ଦିନ ନୂତନ ବସ୍ତ୍ର ପିନ୍ଧିବା ଦ୍ୱାରା ମହିଳାମାନଙ୍କୁ ତାଙ୍କ କର୍ମ କ୍ଷେତ୍ରରେ ବହୁ ପ୍ରଶଂସା ମିଳିବା ସହ ପଦୋନ୍ନତି ମଧ୍ୟ ପ୍ରାପ୍ତ ହୋଇଥାଏ।

**ଶନିବାର:** ଯଦି ମହିଳାମାନେ ଶନିବାର ଦିନ ନୂଆ ବସ୍ତ୍ର ପରିଧାନ କରନ୍ତି ତେବେ ତାଙ୍କ ଶରୀର ଅସୁସ୍ଥ ହେବା ସହ ଦୁର୍ଭାଗ୍ୟର ଶିକାର ହୋଇଥାନ୍ତି।

**ରବିବାର:** ମହିଳାମାନେ ରବିବାର ଦିନ ନୂଆ ବସ୍ତ୍ର ପିନ୍ଧିବା ଦ୍ୱାରା ଅର୍ଥ ହାନି ହେବା ସହ ଦାରିଦ୍ର୍ୟତା ମାଡ଼ି ଆସିଥାଏ। ଏହା ବ୍ୟତୀତ ସେହି ନୂଆ ବସ୍ତ୍ରଟି ଶୀଘ୍ର ନଷ୍ଟ ହୋଇଯାଇଥାଏ।



# ଓଜନ ହ୍ରାସ କରେ କଞ୍ଚା ଲଙ୍କା

ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। ଖାଇବା ସମୟରେ ଅନେକ ୨ ରୁ ୩ଟି କଞ୍ଚାଲଙ୍କା ଖାଇବାକୁ ପସନ୍ଦ କରିଥାଆନ୍ତି। ତେବେ ଜାଣିଛନ୍ତି କି ? କଞ୍ଚାଲଙ୍କା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ପାଇଁ କିଭଳି ଉପକାରୀ ହୋଇଥାଏ।



ଏହାକୁ କେଉଁ ଉପାୟରେ ସେବନ କଲେ ଲାଭ ମିଳେ ଜାଣନ୍ତୁ। କଞ୍ଚାଲଙ୍କାରେ ଅନେକ ପୋଷକ ତତ୍ତ୍ୱ ରହିଛି। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି୬, ଭିଟାମିନ ସି, ଆଇରନ, ପୋଟାସିୟମ, ପ୍ରୋଟିନ୍ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି। କଞ୍ଚା ଲଙ୍କା ସେବନ ଦ୍ୱାରା ମନ ଓ ମସ୍ତିଷ୍କ ସୁସ୍ଥ ରହିବା ସହ ମାନସିକ ଦୁଶ୍ଚିନ୍ତା ଦୂର ହୋଇଥାଏ। ସେହିଭଳି ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। କଞ୍ଚାଲଙ୍କା ସୀମିତ ମାତ୍ରାରେ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କାର ନିୟମିତ ଭାବେ ସେବନ କରିବା ଉଚିତ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ମୋଟାପଣ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହା କର୍କଟ ରୋଗ ହେବାର ଆଶଙ୍କାକୁ କମ କରିଥାଏ। ନିୟମିତ ଅଳ୍ପ ପରିମାଣରେ ଏହାର ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ହୃଦୟକୁ ସୁସ୍ଥ ରଖିବା ପାଇଁ ମଧ୍ୟ କଞ୍ଚା ବେଶ ଉପକାରୀ। ଏହା ହୃଦୟ ଜନିତ ସମସ୍ୟା ଦୂର କରିବା ସହ ସୁରକ୍ଷିତ ରଖିଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କା ତ୍ୱଚା ପାଇଁ ମଧ୍ୟ ବେଶ ଲାଭଦାୟକ। ଏହା ତ୍ୱଚାକୁ ସୁସ୍ଥ ରଖିଥାଏ। ତ୍ୱଚାରେ କୁଞ୍ଚନ ଆସିବାକୁ ଦେଇନଥାଏ। ତ୍ୱଚା ଯୁବା ଓ ସୁନ୍ଦର ଦେଖାଯାଏ। ପାଚନ କ୍ରିୟାକୁ ସୁଚାରୁ ରୂପେ କରିବା ପାଇଁ ମଧ୍ୟ କଞ୍ଚାଲଙ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଞ୍ଚାଲଙ୍କା ସେବନ ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ। ଥଣ୍ଡା ସମୟରେ କଞ୍ଚାଲଙ୍କା ସେବନ ଦ୍ୱାରା ଥଣ୍ଡା ଶୀଘ୍ର ଭଲ ହୋଇଥାଏ। ଉଚ୍ଚ ରକ୍ତଚାପ, ହୃଦୟ ଜନିତ ସମସ୍ୟା ସହ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ରକ୍ତଚାପକୁ କମ୍ କରିବା ସହ ଏହାକୁ ନିୟନ୍ତ୍ରଣରେ ରଖିଥାଏ।

# ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ହୀରାକୁଦ, ସାତକୋଶିଆ

**ଭୁବନେଶ୍ୱର,୫।୧ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ହୀରାକୁଦକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସାମିଲ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାସହିତ ବୌଦ୍ଧ ସର୍କିଟ, ସାତକୋଶିଆ। ଓ ଚିଲିକାକୁ ମଧ୍ୟ ବିଶ୍ୱ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ସେହିପରି ରାଜ୍ୟରେ ଆଉ ୫ଟି ଫୁଡ୍ ପାର୍କ ସ୍ଥାପନକୁ ତ୍ୱରାନ୍ୱିତ କରାଯାଉଥିବା ଜଣାପଡ଼ିଛି।

ରାଜ୍ୟ ପର୍ଯ୍ୟଟନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ଅଧିକ ପର୍ଯ୍ୟଟନସ୍ଥଳୀକୁ ବିଶ୍ୱର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ କରିବା ପାଇଁ ପଦକ୍ଷେପ ନେବାକୁ ମୋହନ ମାଝୀ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ହୀରାକୁଦ, ବୌଦ୍ଧ ସର୍କିଟ, ଚିଲିକା ଓ ସାତକୋଶିଆକୁ ବିଶ୍ୱ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରାଯିବ। ଏନେଇ ଆବଶ୍ୟକ ପ୍ରକ୍ରିୟା ଚଳିତମାସ ୧୫ତାରିଖ ସୁଦ୍ଧା ଚୂଡ଼ାନ୍ତ କରିବା ପାଇଁ ମୁଖ୍ୟ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ହୀରାକୁଦ ପ୍ରକଳ୍ପକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ନିମନ୍ତେ ଖୁବଶୀଘ୍ର ଜାତୀୟ କର୍ମଶାଳା ପର୍ଯ୍ୟଟନ ବିଭାଗ ଆୟୋଜନ କରିବ ବୋଲି ନିଷ୍ପତ୍ତି ହୋଇଛି। ଏହାପରେ ପର୍ଯ୍ୟାୟକ୍ରମେ ଯାଜପୁର ଜିଲ୍ଲାରେ ଥିବା ବୌଦ୍ଧ ସର୍କିଟ, ଚିଲିକା ଓ ସାତକୋଶିଆକୁ ଆନ୍ତର୍ଜାତିକ ପର୍ଯ୍ୟଟନ ସ୍ଥଳୀ କରିବାକୁ ସରକାର ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି।

ସେହିପରି ଏମଏସଏମଇ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ରାଜ୍ୟ ସରକାର ଆଉ ୫ଟି ନୂଆ। ଫୁଡପାର୍କ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଗଞ୍ଜାମ ଜିଲ୍ଲାର କୋନିସି ତହସିଲ ଅନ୍ତର୍ଗତ ପାନସୁପଡ଼ା ଗାଁରେ ୫୦.୦୫ଏକର ପରିମିତ ଅଂଚଳ, ବରଗଡ଼ ଜିଲ୍ଲାର ଭଟଲି ତହସିଲର ଗୋପାଳପୁରରେ ୫୮.୮୫ ଏକର, ବଲାଙ୍ଗୀର ଜିଲ୍ଲାର ସାଦପାଲିର ୫୦ଏକର ଜମି, ନବରଙ୍ଗପୁର ଜିଲ୍ଲାର ବାମନୀ ଠାରେ ୫୦ଏକର ଜମି ଓ କଳାହାଣ୍ଡି ଜିଲ୍ଲାର କେସିଙ୍ଗାରେ ୫୦ଏକର ଜମିରେ ଏହି ନୂଆ। ଫୁଡ ପାର୍କ ସ୍ଥାପନ କରାଯାଉଛି। ଇତିମଧ୍ୟରେ ରାୟଗଡ଼ାରେ ଗୋଟିଏ ମେଗା ଫୁଡ୍ ପାର୍କ ଉଦଘାଟନ ହୋଇସାରିଛି। ତା'ଛଡ଼ା ଖୋର୍ଦ୍ଧାର ଡେରାସଠାରେ ମଧ୍ୟ ସାମୁଦ୍ରିକ ଫୁଡ୍ ପାର୍କ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି । ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୨୪ର ପ୍ରାବଧାନ ଆଧାରରେ ରାଜ୍ୟରେ ନିଯୁକ୍ତି ସୃଷ୍ଟି, ଚାଷୀଙ୍କୁ ଉଚିତ୍ ମୂଲ୍ୟ ସୁନିଶ୍ଚିତ କରିବା ଦିଗରେ ଏହା ସହାୟକ ହେବ।

## ପ୍ରବାସୀ ଭାରତୀୟ ଦିବସ ପ୍ରସ୍ତୁତି ଜୋରଦାର

# ଜନତା ମଇଦାନରେ ଶୋଭା ପାଇବ ଓଡ଼ିଶା ଥିମ୍ ପ୍ୟାଭିଲିୟନ

**ଭୁବନେଶ୍ୱର,୫।୧ (ମହାଭାରତ):** ଆଉ ମାତ୍ର ୩ ଦିନ ପରେ ଭୁବନେଶ୍ୱର ଜନତା ମଇଦାନରେ ଆରମ୍ଭ ହେବ 'ପ୍ରବାସୀ ଭାରତୀୟ ଦିବସ'ର ୧୮ତମ ସଂସ୍କରଣ। ପ୍ରଥମ ଥର ପାଇଁ ଓଡ଼ିଶାରେ ଆୟୋଜିତ ହେଉଥିବା ଏହି ସମ୍ମେଳନ ପାଇଁ ପ୍ରସ୍ତୁତି ମଧ୍ୟ ଶେଷ ପର୍ଯ୍ୟାୟରେ ପହଂଚିଲାଣି ଯ ସମ୍ମେଳନ ସ୍ଥଳୀକୁ ସୁନ୍ଦର ଭାବେ ସଜାଯିବା ସହ ଆଲୋକୀକରଣ କରାଯାଉଛି । ବିଭିନ୍ନ ଦେଶରୁ ଆସୁଥିବା ପ୍ରତିନିଧିଙ୍କ ପାଇଁ ସମ୍ମେଳନରେ ପ୍ରମୁଖ ଆକର୍ଷଣ ହେବ ଓଡ଼ିଶା ଥିମ୍ ପ୍ୟାଭିଲିୟନ। ଓଡ଼ିଆ। ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ଏହି ପ୍ୟାଭିଲିୟନରେ ଓଡ଼ିଶାର ଐତିହ୍ୟ, ପାରମ୍ପରିକ ସଂସ୍କୃତି, ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଶିଳ୍ପ ବିକାଶ ପ୍ରଦର୍ଶିତ ହେବ।



ଓଡ଼ିଆ। ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରସ୍ତୁତ ଏହି ପ୍ୟାଭିଲିୟନ ଓଡ଼ିଶା ସଂସ୍କୃତିର ପେଣ୍ଠସ୍ଥଳ ହେବ। ୪୦୦ ବର୍ଗ ମିଟର ପରିବ୍ୟାପ୍ତ ଅଞ୍ଚଳରେ ନିର୍ମିତ ଏହି ପ୍ୟାଭିଲିୟନର ନାମ ରହିଛି 'ଗ୍ଲୋରିୟସ ଓଡ଼ିଶା: ପ୍ରାଚୀନରୁ ଆଧୁନିକ। ପ୍ୟାଭିଲିୟନକୁ ପାରମ୍ପରିକ କାରିଗରୀ ଏବଂ ଆଧୁନିକ ଡିଜାଇନର ଏକ ସନ୍ତୁଳିତ ଏକୀକରଣରେ ଉପସ୍ଥାପନ କରାଯିବ। ଏହାର ଗଠନ ଶୈଳୀରେ ଓଡ଼ିଶାର ଆଭ୍ୟନ୍ତରୀଣ ପରମ୍ପରା ସଂସ୍କୃତି, ପ୍ରସିଦ୍ଧ ବ୍ୟକ୍ତିତ୍ୱ ତଥା ରାଜ୍ୟର ବୈଶିଷ୍ଟ୍ୟର ଛାପ ଦେଖିବାକୁ ମିଳିବ। ଏହାକୁ ପଟ୍ଟଚିତ୍ର, ଚନ୍ଦୁଆ। କାର୍ଯ୍ୟ ଏବଂ ଆଦିବାସୀ ଚିତ୍ରକଳାରେ ସୁସଜ୍ଜିତ କରାଯିବ ଯାହା ପରିଦର୍ଶକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ପ୍ୟାଭିଲିୟନ ଶ୍ରୀଜଗନ୍ନାଥ ସଂସ୍କୃତି, କଳିଙ୍ଗ ଯୁଦ୍ଧ, ସମ୍ରାଟ ଅଶୋକଙ୍କ ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରଣ, ଐତିହ୍ୟ ବାଲିଯାତ୍ରା ଓ ଅନ୍ୟାନ୍ୟ କୀର୍ତ୍ତିରାଜି ଗୁଡ଼ିକର ପ୍ରଦର୍ଶନ କରାଯିବ। ଏହାର ବାହ୍ୟ ସରଂଚନାରେ ଓଡ଼ିଶାର ଅନନ୍ୟ କଳା, ହସ୍ତତନ୍ତ, ଐତିହ୍ୟ, ପାରମ୍ପରିକ ସଂସ୍କୃତି, ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ, ହସ୍ତଶିଳ୍ପ, ଆଦିବାସୀ ସମ୍ପ୍ରଦାୟର ଅବଦାନ ସମେତ ଓଡ଼ିଶାର ସାଂସ୍କୃତିକ ଉତ୍ତରାଧିକାରକୁ ଦର୍ଶାଉଥିବା ଭିଜୁଆଲ୍ କାହାଣୀଗୁଡ଼ିକ ଉପସ୍ଥାପିତ ହେବ।

ପରିଦର୍ଶକମାନଙ୍କୁ ବିଶେଷ ଭାବରେ ପ୍ରବେଶ କ୍ଷେତ୍ର ଏବଂ ୩ଡି ସ୍ଥାପତ୍ୟ ପ୍ରଭାବିତ କରିବ ବଡ଼ ଆକାରର ସ୍ଥାପତ୍ୟଗୁଡ଼ିକ ଓଡ଼ିଶାର ପ୍ରତୀକ, ସାଂସ୍କୃତିକ ଉପାଦାନ ଏବଂ ଶିଳ୍ପ ସଫଳତାକୁ ପ୍ରତିନିଧିତ୍ୱ କରିବ କୋଣାର୍କ ସୂର୍ଯ୍ୟ ମନ୍ଦିରର ଏକ ବିସ୍ତୃତ ପ୍ରତିକୃତି ଏଠାରେ ସ୍ଥାନ ପାଇବ। ତାସହ ଚିଲିକା ହ୍ରଦ ଇକୋସିଷ୍ଟମ୍, ପକ୍ଷୀ ବିହାରର ଭର୍ଚୁଆଲ୍ ଅନୁଭୂତି ନେବେ ପ୍ରବାସୀ।

ଦର୍ଶକଙ୍କ ଅନୁଭୂତିକୁ ଆହୁରି ସୁନ୍ଦର ଓ ସ୍ୱତନ୍ତ୍ର କରିବା ପାଇଁ ଡିଜିଟାଲ ମାଧ୍ୟମରେ ଓଡ଼ିଶାର ପର୍ଯ୍ୟଟନ, ସଂସ୍କୃତି, କଳା, ଭାସ୍କର୍ଯ୍ୟ ତଥା ବିକାଶୋନ୍ମୁଖୀ ଶିଳ୍ପର ସୁଯୋଗ ପୃଷ୍ଠଭୂମି ଭାବେ ଓଡ଼ିଶାର ବିଷୟବସ୍ତୁ ପ୍ରଦର୍ଶନ କରିବା ଯୋଜନା ରହିଛି। ପାରମ୍ପରିକ ସଂସ୍କୃତିକୁ ଏଥର ଆନିମେଟେଡ଼ ଭିଡ଼ିଓ, ଡିଜିଟାଲ୍ କଣ୍ଟେଣ୍ଟ୍ ଓ ଭର୍ଚୁଆଲ ରିଆଲିଟି ଆଦି ଆଧୁନିକ ମାଧ୍ୟମରେ ପରିବେଷଣ କରିବାର ମଧ୍ୟ ଯୋଜନା ରହିଛି। ଏଥିସହ ଓଡିଶାର ଶିଳ୍ପ ପ୍ରଗତିକୁ ଆଲୋକିତ କରୁଥିବା ମଡେଲଗୁଡ଼ିକ ପ୍ରଦର୍ଶିତ ହେବ। କେବଳ ମନୋରଞ୍ଜନ ନୁହେଁ, ଭାରତ ବାହାରେ ରହୁଥିବା ପ୍ରବାସୀ ଓ ବିଭିନ୍ନ ଦେଶରୁ ଆସିବାକୁ ଥିବା ପ୍ରତିନିଧିଙ୍କୁ ଓଡ଼ିଶାର ସଂସ୍କୃତି ସହ ଯୋଡ଼ିବାର ଏକ ଉତ୍ତମ ମାଧ୍ୟମ ହେବ।

# ୬ରୁ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ



**ଭୁବନେଶ୍ୱର,୫।୧ (ମହାଭାରତ):** ୫ମ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ଜାନୁଆରୀ ୬ ତାରିଖରୁ ୧୨ ତାରିଖ ମଧ୍ୟରେ ପାଳିତ ହେବ । ଆଜି ଏହି ଉତ୍ସବ ପାଳନର ଉଦେଶ୍ୟ ଓ ଏହାର ବିଭିନ୍ନ ଦିଗ ସମ୍ପର୍କରେ ସାମ୍ବାଦିକମାନଙ୍କୁ ବିଶଦ ସୂଚନା ଦେଇ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ କହିଲେ ଯେ ପ୍ରାକୃତିକ ଐତିହ୍ୟ, ଜୈବବିବିଧତାର ସଂରକ୍ଷଣ ନିମନ୍ତେ ଓଡ଼ିଶା ପ୍ରତିବଦ୍ଧ। ଏହି ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ଚିଲିକା ହ୍ରଦର ସୌନ୍ଦର୍ଯ୍ୟ, ଜୈବବିବିଧତା, ସୁରକ୍ଷା ଏବଂ ଗୋଷ୍ଠୀ ପରିଚାଳିତ ସଂରକ୍ଷଣର ଗରିମାମୟ ଐତିହ୍ୟକୁ ଅଧିକ ଋଦ୍ଧିମନ୍ତ କରିବା ନିମନ୍ତେ ଏକ ପ୍ରଚେଷ୍ଟା । ଉପମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପଯର୍ୟଟନ ବିଭାଗ ପ୍ରଭାତୀ ପରିଡ଼ା ଏହି ଜାତୀୟ ଚିଲିକା ବିହଙ୍ଗ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲୋକ ସେବା ଭବନର ସମ୍ମିଳନୀ କକ୍ଷରେ ଯୋଗଦାନ କରିବେ । ଜାନୁଆରୀ ୬ ତାରିଖର ଉଦ୍‌ଘାଟନୀ ଉତ୍ସବରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପକ୍ଷୀ ବିଶାରଦ ଡ. ଅସାଦ ରହମାନୀ ଓ ଡ. ସୁରେଶ କୁମାର ଏବଂ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବନ୍ୟପ୍ରାଣୀ ଫଟୋଗ୍ରାଫର ଧୃତିମାନ ମୁଖାର୍ଜୀ ମଧ୍ୟ ଯୋଗ ଦେବେ । ପ୍ରତ୍ୟେକ ବର୍ଷ ଶୀତଋତୁରେ ଲକ୍ଷାଧିକ ପରିବ୍ରାଜକ ପକ୍ଷୀମାନଙ୍କର ଆଗମନ ଚିଲିକାର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଥାଏ । ଏହି ଉତ୍ସବଟିକୁ ପ୍ରତ୍ୟେକ ବର୍ଷ ପର୍ଯ୍ୟଟନ ବିଭାଗ ଆୟୋଜନ କରିଥାଏ କିନ୍ତୁ ଏବର୍ଷ ପ୍ରବାସୀ ଭାରତୀୟ ଦିବସ ଆୟୋଜନ କରୁଥିବାରୁ ୫ମ ଜାତୀୟ ଚିଲିକା ବିହଙ୍ଗ ଉତ୍ସବର ଆୟୋଜନର ଦାୟିତ୍ୱ ଜଙ୍ଗଲ(ବନ୍ୟପ୍ରାଣୀ)ବିଭାଗକୁ ପ୍ରଦାନ କରାଯାଇଛି । ଏହି ଉତ୍ସବ ନିମନ୍ତେ କୁଇଜ୍, ପୋଷ୍ଟର, ଚିତ୍ରକଳା ପ୍ରତିଯୋଗିତା ଚିଲିକା ଓ ଭୁବନେଶ୍ୱରର ଉଚ୍ଚ ମାଧ୍ୟମିକ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇ ସାରିଛି । ଉଦ୍‌ଘାଟନୀ ଉତ୍ସବରେ ସେମାନଙ୍କୁ ପୁରସ୍କୃତ କରାଯିବ । ପୂର୍ବରୁ ପଞ୍ଜୀକରଣ କରିଥିବା ୬୦ ଜଣ ଫଟୋଗ୍ରାଫର ୬ରୁ ୮ ତାରିଖ ପର୍ଯ୍ୟନ୍ତ ନଳବଣ ଓ ମଙ୍ଗଳାଯୋଡ଼ିରେ ପକ୍ଷୀମାନଙ୍କୁ ଦେଖି ଫଟୋଗ୍ରାଫି କରିବାର ସୁଯୋଗ ପାଇବେ । ଉତ୍ସବରେ ପକ୍ଷୀ ଚିତ୍ରପ୍ରଦର୍ଶନ, ବିକେ ଆର୍ଟସ୍, କଳିଙ୍ଗ, ଧଉଳି, ଖଲ୍ଲିକୋଟ ମହାବିଦ୍ୟାଳୟ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରତ୍ୟକ୍ଷ ଚିତ୍ରକଳା ଏବଂ ପୋଷ୍ଟର ପ୍ରଦର୍ଶନ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ । ଏହି ଉତ୍ସବରେ ଗ୍ରାମବାସୀ, ଓଡ଼ିଶାର ବନ୍ୟପ୍ରାଣୀ ଫଟୋଗ୍ରାଫରଗଣ ଓ ସ୍କୁଲ ଛାତ୍ରଛାତ୍ରୀମାନେ ଯୋଗ ଦେବେ । ଏହା ସହିତ ଜାନୁଆରୀ ୭ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଛ' ଦିନ ଧରି ଦିନ ୧୦.୩୦ରୁ ୧୨.୩୦ ମଧ୍ୟରେ ବନ୍ୟପ୍ରାଣୀ ଡକୁମେଣ୍ଟାରୀ ଚଳଚ୍ଚିତ୍ର, ଫଟୋ ପ୍ରଦର୍ଶନ ଓ ଚିତ୍ରକଳା ପ୍ରଦର୍ଶନୀ ଆଞ୍ଚଳିକ ବିଜ୍ଞାନ ସଂଗ୍ରହାଳୟଠାରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହେବ । ଏହି ଉତ୍ସବ ମଧ୍ୟରେ ଜାନୁଆରୀ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଯଥାକ୍ରମେ ଫରେଷ୍ଟପାର୍କ, ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର ଓ ଆନନ୍ଦବନଠାରେ ସକାଳ ୭ ଘଟିକାରୁ ୮.୩୦ ପର୍ଯ୍ୟନ୍ତ ପକ୍ଷୀ ନିରୀକ୍ଷଣ ପଦଯାତ୍ରା ଅନୁଷ୍ଠିତ ହେବ। ଏହା ଛଡ଼ା ୧୦ ତାରିଖ ରାତିରୁ ୧୧ ତାରିଖ ଯାଏଁ ଓଡ଼ିଶା ବାର୍ଡ କନ୍‌କ୍ଲେଭ, ଚିଲିକାର ବରକୁଲଠାରେ ଅନୁଷ୍ଠିତ ହେବାକୁ ଯାଉଛି । ସେଠାରେ ମଧ୍ୟ ଓଡ଼ିଶାର ପକ୍ଷୀ ନିରୀକ୍ଷକ ଓ ଗବେଷକମାନେ ଆଲୋଚନା କରିବେ ଓ ନଳବଣ ବୁଲିବା ପାଇଁ ଯିବେ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା, ନନ୍ଦନକାନନର ନିର୍ଦ୍ଦେଶକ ତଥା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ମୁଖ୍ୟ କାର୍ଯ୍ୟନିର୍ବାହୀଡ. ଭି. ନାୟାର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଦେବେନ ପ୍ରଧାନ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀ ଧରମ ହାସଦା ପ୍ରମୁଖ ଉପସ୍ଥିତ ରହି ବହୁ ତଥ୍ୟ ଯୋଗାଇ ଦେଇଥିଲେ ।

# ଚିଲିକାରେ କ୍ରୁଜ ବୋଟ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୫।୧ (ମହାଭାରତ):** ଓଡ଼ିଶା ପର୍ଯ୍ୟଟନ ଭାରତରେ ଏକ ପ୍ରମୁଖ ଇକୋ ଟ୍ୟୁରିଜିମ ହବ ପାଲଟିଥିବା ବେଳେ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ଚିଲିକା ପରିଚିତ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଚିଲିକା ଜଳରାଶିରେ ନୌବିହାର ନିମିତ୍ତ ବଡ଼କୁଳ ପାନ୍ଥନିବାସ ଠାରେ ବୋଟ ବ୍ୟବସ୍ଥା ସାଙ୍ଗକୁ ପ୍ରାଇଭେଟ ମୋଟର ବୋଟ ଆସୋସିଏସନ ପକ୍ଷରୁ ମୋଟର ଚାଳିତ ଡଙ୍ଗା ଏବଂ ବାଲୁଗାଁ ଜେଟି ଠାରେ ଅନ୍ତର୍ଦେଶୀୟ ଜଳପଥ ପରିବହନ ପକ୍ଷରୁ ଲଞ୍ଚ ଓ ସ୍ଥାନୀୟ ବୋଟ ଆସୋସିଏସନ ପକ୍ଷରୁ ମୋଟର ଚାଳିତ ଡଙ୍ଗା ଉପଲବ୍ଧ ରହିଛି। ଏଥିସହିତ ଚିଲିକାରେ ବିଳାସପୂର୍ଣ୍ଣ ଯାତ୍ରା ନିମନ୍ତେ ୨୦୨୨ ଜୁନ ୯ ତାରିଖରେ ବିକାଶ ଇକୋ ରିସୋର୍ଟସ ପକ୍ଷରୁ ଦୁଇ ମହଲା, ୬ ଶୀତତାପ ନିୟନ୍ତ୍ରିତ କୋଠରୀ ବିଶିଷ୍ଟ ହାଉସ ବୋଟ 'ଗରୁଡ଼' ଯାତାୟାତ କରୁଥିଲା।

ଚିଲିକାରେ ନୌବିହାର ସାଙ୍ଗକୁ ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ଅହେତୁକ ଆଗମନ ସାଙ୍ଗକୁ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଓଡିଶା ପର୍ଯ୍ୟଟନ ବିକାଶ ନିଗମ ପକ୍ଷରୁ ବଡ଼କୁଳ ପାନ୍ଥନିବାସ ଠାରେ ଦୁଇଟି ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ,୪୦ ସିଟ ବିଶିଷ୍ଟ କ୍ରୁଜ ବୋଟ ପଦାର୍ପଣ କରିଛି। ଦୀର୍ଘ ଦିନ ଧରି ଏହି ଦୁଇଟି ବୋଟ ବଡ଼କୁଳ ପାନ୍ଥନିବାସ ଠାରେ ରଖାଯାଇଥିବା ବେଳେ ଶନିବାର ଅପରାହ୍ନରେ ଏହାର ଶୁଭାରମ୍ଭ କରାଯାଇଛି। ବଡ଼କୁଳ ପାନ୍ଥନିବାସଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ରହି ଏହାର ଶୁଭାରମ କରିଥିଲେ।

ଏହି ଅବସରରେ ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ସଚିବ ବାଳମୁକୁନ୍ଦ ଭୁୟାଁ, ଓଟିଡିସି ସାଧାରଣ ପରିଚାଳକ ଡାଃ ଲଲାଟେନ୍ଦୁ ସାହୁ, ମାର୍କେଟିଂ ମ୍ୟାନେଜର ରଞ୍ଜନ ମିଶ୍ର, ଜିଲ୍ଲାପାଳ ଚଞ୍ଚଳ ରାଣା, ଏସପି ସାଗରିକା ନାଥ, ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ମୀରାବାଇ ବେହେରା, ସ୍ଥାନୀୟ ଜନପ୍ରତିନିଧି, ବନ୍ଦର ଓ ଅନ୍ତର୍ଦେଶୀୟ ନିର୍ଦ୍ଦେଶାଳୟ, ବଡ଼କୁଳ ଓଟିଡ଼ିସି କର୍ତ୍ତୃପକ୍ଷ ସବ୍ୟସାଚୀ କର, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଏବଂ ରାଜ୍ୟ ସରକାରଙ୍କ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପର ପ୍ରଶଂସା ସାଙ୍ଗକୁ ସଫଳ ରୂପାୟନ କାମନା କରିଥିଲେୟ ୧୯୮୧ ମସିହାରେ ଚିଲିକାକୁ ରାମସାର ସମ୍ମିଳନୀ ଅଧୀନରେ ଅନ୍ତର୍ଜାତୀୟ ଭାରତୀୟ ଆଦ୍ରଭୂମି ମାନ୍ୟତା ମିଳିଥିଲା। ବିଶ୍ୱସ୍ତରରେ ଚିଲିକା ଏହାର ବିବିଧ ଉପକୂଳ ଦୃଶ୍ୟ, ପ୍ରାଚୀନ ହ୍ରଦ ଏବଂ ଜୀବନ୍ତ ସାଂସ୍କୃତିକ ଇତିହାସ ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଏଇତିହ୍ୟର ଉତ୍କୃଷ୍ଟ ମିଶ୍ରଣ। ଯାହାଫଳରେ ଚିଲିକାର ଭିତ୍ତିଭୂମି ଓ ସେବାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସ୍ୱେଦେଶ ଦର୍ଶନ ଯୋଜନାରେ ଉପକୂଳ ସର୍କିଟ ଚିଲିକାର ବିକାଶ ନିମିତ୍ତ ୧.୮ କୋଟି ଟଙ୍କା ବ୍ୟୟରେ ଦୁଇଟି ବିଳସପୂର୍ଣ୍ଣଡ଼ କ୍ରୁଜ ବୋଟ ପ୍ରଦାନ କରାଯାଇଛିୟ ଯାହାକି ଉକ୍ତ ବୋଟରେ ଉଚ୍ଚମାନର ପର୍ଯ୍ୟଟନ, ଆରାମଦାୟକ ଓ ସ୍ମରଣୀୟ ଯାତ୍ରା ଅନୁଭୂତି ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିବ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି। ୪୦ ସିଟ ବିଶିଷ୍ଟ କ୍ରୁଜ ବୋଟ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଠାରୁ ଆରମ୍ଭ କରି ଅନ-ବୋର୍ଡ ଫୁଡ଼ ସର୍ଭିସ, ସର୍ବନିମ୍ନ ଶବ୍ଦ, ସ୍ୱଚ୍ଛ ଶୌଚାଳୟ ଏବଂ ଅନ୍ୟାନ୍ୟ ଆଧୁନିକ ସୁବିଧା ଏହି କ୍ରୁଜ ବୋଟରେ ଉପଲବ୍ଧ ରହିଛି।

# ବିମାନବନ୍ଦର ସମ୍ପ୍ରସାରଣରେ ବସ୍ତି ବାଧକ

**ଭୁବନେଶ୍ୱର,୫।୧ (ମହାଭାରତ):** ବିମାନବନ୍ଦର ବିକାଶରେ ବାଧକ ସାଜିଛି ବସ୍ତି। ଉଚ୍ଛେଦ ପରେ ସରକାରୀ ଜମିକୁ ସୁରକ୍ଷା ଦେଇ ପାରୁ ନଥିବାରୁ ପୁଣି ଜବରଦଖଲ ହେଉଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ସମ୍ପ୍ରସାରଣ ପାଇଁ ଗଣ୍ଡମୁଣ୍ଡା ବସ୍ତି ହଟାଇବାକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ପୂର୍ବରୁ ଯେତିକି ଘର ହଟାଇଥିଲେ ସେସବୁ ସୁରକ୍ଷା ଦେଇ ନ ପାରିବାରୁ ପୁଣି ଜବରଦଖଲ ହୋଇଯାଇଛି। ଏବେ ସେଠାରୁ ୧୧ଟି ଘର ହଟାଇବାକୁ ବିମାନବନ୍ଦର କର୍ତ୍ତୃପକ୍ଷ ସରକାରଙ୍କୁ ଚିଠି ଲେଖିଛନ୍ତି। ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଏମ୍‌ସି ଏହାର ଅନୁଧ୍ୟାନ କଲା ବେଳେ ବିଚିତ୍ର ତଥ୍ୟ ସାମ୍ନାକୁ ଆସିଛି। ପୂର୍ବରୁ ଯେଉଁମାନଙ୍କୁ ଉଚ୍ଛେଦ କରାଯାଇଥିଲା ଏବେ ସେ ସବୁ ଜାଗା ପୁଣି ଦଖଲ ହୋଇଯାଇଛି। କେଉଁଠି ମୂଳ ଲୋକ ମରିଯିବା ପରେ ପୁଅ ବୋହୂ ରହୁଥିବା ବେଳେ କେଉଁଠି ଭଡ଼ା ଲାଗିଛି। ଯଦି ୧୧ ପରିବାରଙ୍କୁ ହଟାଯାଏ ତେବେ ବି ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟ ପୂରଣ ହେବ ନାହିଁ। ଏଣୁ ବିଏମ୍‌ସିର ଅକଲ ଗୁଡୁମ୍ ହୋଇଛି।

ୱାର୍ଡ ୫୦ରେ ଥିବା ଗଣ୍ଡମୁଣ୍ଡା ବସ୍ତି ହଟାଇବା ପରେ ହିଁ ବିମାନବନ୍ଦରର ସମ୍ପ୍ରସାରଣ ଓ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ହେବ। ଏଣୁ ଏହି ମର୍ମରେ ବିମାନବନ୍ଦର କର୍ତ୍ତୃପକ୍ଷ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ଚିଠି ଲେଖିଛନ୍ତି। ଥରେ ନୁହେଁ, ବରଂ ବାରମ୍ବାର ଜଣାଇଛନ୍ତି। ବସ୍ତିଗୁଡ଼ିକ ବିଏମ୍‌ସି ଅଧୀନରେ ଥିବାରୁ ବିଭାଗ ମଧ୍ୟ ନିୟମିତ ବ୍ୟବଧାନରେ ବିଏମ୍‌ସିକୁ ବସ୍ତି ହଟାଇବାକୁ ଚିଠି ଲେଖୁଛି। ହେଲେ ସମସ୍ୟାର ସମାଧାନ ହୋଇ ପାରୁନି। ବାସ୍ତବରେ ଏଠାରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ଏଠାରୁ ୨୭ ପରିବାରଙ୍କୁ ହଟାଇବା ପାଇଁ ସ୍ଥିର କରାଯାଇଥିଲା। କୋର୍ଟ ମାମଲା ଓ ଅନ୍ୟ କେତେକ କାରଣ ପାଇଁ ୧୧ଟି ଘର ରହିଯାଇଥିଲା। ଏବେ ଏମାନଙ୍କୁ ହଟାଇବା ପାଇଁ ବିଏମ୍‌ସିକୁ ଚିଠି ଆସିଛି। କିନ୍ତୁ ସର୍ଭେ ବେଳେ ଦେଖାଯାଇଛି କି ଏଠାରେ ନୂଆ। ବସ୍ତି ଗଢ଼ି ଉଠିଛି। ଯେଉଁମାନଙ୍କୁ ହଟାଯିବାକୁ ଥିଲା ସେମାନଙ୍କୁ ରାଜୀବ ଆବାସ ଯୋଜନା(ରେ')ରେ ସାମିଲ୍ କରାଯାଇଥିଲା। ସେମାନଙ୍କ ଘର ସାମ୍ନାରେ ରେ' ସଂଖ୍ୟା ଲେଖାଯାଇଥିଲା। ଏବେ ହିତାଧିକାରୀଙ୍କ ସଂଖ୍ୟା ୩ ଗୁଣ ବିଗଲାଣି। କିଛି ହିତାଧିକାରୀଙ୍କ ଦେହାନ୍ତ ପରେ ମଧ୍ୟ ତାଙ୍କ ନାମରେ ପରିବାର ଲୋକ ରହିଛନ୍ତି। ଗୋଟିଏ ପରେ ଗୋଟିଏ ଘର ବଢ଼ିବଢ଼ି ଚାଲିଛି।

# ମେଗା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା

**ଭୁବନେଶ୍ୱର,୫।୧ (ମହାଭାରତ):** ବଲାଙ୍ଗିର ଓ ସୋନପୁର ଜିଲ୍ଲାରେ ଚାଲିଥିବା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କରିଛନ୍ତି। ସମ୍ପ୍ରତି ବଲାଙ୍ଗିର ଓ ସୋନପୁର ଜିଲ୍ଲାର ଗ୍ରାମାଞ୍ଚଳରେ ମୋଟ ୨୦ ଟି ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ଚାଲୁଛି । ସେଥିରୁ ୧୪ଟି ଏବଂ ୬ ଟି ସୋନପୁରରେ ଚାଲୁଛି । ସେହିପରି, ଏହି ଦୁଇଟି ଜିଲ୍ଲାର ସହରାଞ୍ଚଳରେ ମୋଟ ୮ ଟି ପ୍ରକଳ୍ପ ଚାଲୁଛି ।

ରାଜ୍ୟ ସରକାର ସର୍ବଦା କୃଷକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଆସିଛନ୍ତି। ଏହି ସବୁ ପ୍ରକଳ୍ପ ଗୁଡ଼ିକ ଯଥାଶୀଘ୍ର ଶେଷ ହେଲେ ଉପରୋକ୍ତ ଦୁଇଟି ଜିଲ୍ଲାର ଚାଷ ଜମିକୁ ଜଳ ସେଚନ ସୁବିଧା ସହ ଜିଲ୍ଲାବାସୀଙ୍କ ପାନୀୟ ଜଳର ଅସୁବିଧା ଦୂର ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ବିଭାଗୀୟ ଅଧିକାରୀମାନଙ୍କୁ ସହର ତଥା ଗ୍ରାମାଞ୍ଚଳକୁ ଯାଇ ପ୍ରତ୍ୟକ୍ଷ ତଦାରଖ କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷର ଶେଷ ସୁଦ୍ଧା ପ୍ରାୟ ସମସ୍ତ ପ୍ରକଳ୍ପ ଶେଷ ହେବ ବୋଲି ସମୀକ୍ଷାରୁ ଜଣା ପଡ଼ିଛି। ଏହି ସମୀକ୍ଷା ବୈଠକରେ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ ଏନ ଗିରିଶ, ପାନୀୟ ଜଳ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପର ଅଗ୍ରଗତି ଓ ବାସ୍ତବ ରୂପରେଖ ବାବଦରେ ସୂଚନା ପ୍ରଦାନ କରିଥିଲେ।

# ପିଏନ୍ କଲେଜରେ ଆଲୁମିନି ସମାବେଶ

**ଭୁବନେଶ୍ୱର,୫।୧ (ମହାଭାରତ):** ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀ ଭବନରେ ରସାୟନ ବିଜ୍ଞାନ ବିଭାଗ ତରଫରୁ ଏକ ଆଲୁମିନି ସମାବେଶ ଆଲୁମିନି ଆସୋସିଏସନର ସାଧାରଣ ସଂପାଦକ ଶିକ୍ଷାବିତ୍ ଡକ୍ଟର ଧୀରେନ୍ଦ୍ର ନନ୍ଦଙ୍କ ସଂଯୋଜନାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ସ୍ନାତକ ବିଭାଗ ଖୋଲିବା ଦିନଠାରୁ ଚଳିତ ବର୍ଷ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ମହାମିଳନ ହୋଇଥିବା ଏହି ସ୍ୱତନ୍ତ୍ର ଆଲୁମିନି ଉତ୍ସବରେ ରସାୟନବିତ୍ ପ୍ରଫେସର ହରିପ୍ରସାଦ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି କହିଲେ ଏହା ହେଉଛି ଏକ ମହାମିଳନର ମହୋତ୍ସବ। ଏହା ଶିକ୍ଷକ ଏବଂ ପିଲା ମାନଙ୍କ ମଧ୍ୟରେ ସ୍ନେହ ଶ୍ରଦ୍ଧା ଆତ୍ମୀୟତା ଭଳି ଦିବ୍ୟ ଗୁଣ ଗୁଡିକୁ ଦୃଢ଼ କରିବା ସହିତ ପରପିଢ଼ିଙ୍କୁ ଉନ୍ନତିର ଶୀର୍ଷରେ ପହଂଚାଇବା ପାଇଁ ପ୍ରେରଣା ଯୋଗାଇଥାଏ। ଅନୁଷ୍ଠିତ ସେମିନାରରେ ମୁଖ୍ୟ ବକ୍ତା ଭାବରେ ପ୍ରାଣନାଥ ମହାବିଦ୍ୟାଳୟର ପ୍ରକ୍ତନ ଅଧକ୍ଷା ଡକ୍ଟର ଅଜନ୍ତା ଶତପଥି ଯୋଗଦେଇ କହିଲେ ଏହି ମହାବିଦ୍ୟାଳୟର ରସାୟନ ବିଭାଗରେ ମୋର ଚାକିରୀ ଆରମ୍ଭ ସହିତ ଶେଷ ମଧ୍ୟ ହୋଇଛି ଏବଂ ପରିଶେଷରେ ଅଧକ୍ଷ ପଦରେ କାମ କରିବାର ସୁଯୋଗ ପାଇଥିବାରୁ ମୁଁ ଗର୍ବିତ। ଏହି ମହାବିଦ୍ୟାଳୟର ମହାନତା ଯୋଗୁଁ ଆଜି ସାରା ଦେଶରେ ଏହାର ଛାତ୍ରଛାତ୍ରୀମାନେ ଅନେକ ଉଚ୍ଚ ପଦପଦବୀର ଅଧିକାରୀ ହୋଇପାରିଛନ୍ତି। ଆମେ ଯଦି ଏହି ଆଲୁମିନି ସଂଗଠନ ମାଧ୍ୟମରେ ମହାବିଦ୍ୟାଳୟର ସମସ୍ତ ବିଭାଗର ପୂର୍ବତନ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନଙ୍କୁ ଏକାଠି କରିପାରିବା ତେବେ ଏହି ମହାବିଦ୍ୟାଳୟ ସାରା ଭାରତ ବର୍ଷରେ ଏକ ଶୀର୍ଷ ସ୍ଥାନରେ ପହଂଚିପାରିବ। ସମ୍ମାନୀତ ବକ୍ତା ଭାବରେ ପ୍ରଫେସର ଦିଗମ୍ବର ଦାଶ, ପ୍ରଫେସର ଶୁଷମା ମିଶ୍ର ଯୋଗଦେଇ ରସାୟନ ବିଜ୍ଞାନର ବିଶେଷତା ଏବଂ ତାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବରେ ରସାୟନ ବିଭାଗର ଡକ୍ଟର ପ୍ରିୟବ୍ରତ ମହାନ୍ତି ଏବଂ ଡକ୍ଟର ପ୍ରତାପ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ନିଜର ଦୀର୍ଘ ବର୍ଷର ରସାୟନ ବିଜ୍ଞାନ ପଢାଇବାର ଅନୁଭୂତିକୁ ଅତ୍ୟନ୍ତ ସୁନ୍ଦର ଭାବରେ ବଖାଣିଥିଲେ। ମହାବିଦ୍ୟାଳୟର ରସାୟନ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ପ୍ରଣବ କିଶୋର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଉତ୍ସବରେ କହିଲେ ରସାୟନ ବିଭାଗର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆଲୁମିନି ଉତ୍ସବ ପାଇଁ ଯେଉଁ ଉଦ୍ଦିପନା ରହିଛି ତାହାକୁ ଅହୁରି ଉତ୍ସାହ ପୂର୍ଣ୍ଣ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ। ଏହି ସମାବେଶରେ ଆଲୁମିନି ସଦସ୍ୟ ରାଜ୍ୟ ଉପଶାସନ ସଚିବ ରାଜେଶ ମାନସିଂହ, ରଣପୁର ଉପପ୍ରବନ୍ଧକ ବିଶ୍ୱଜିତ ଦାଶ ସମେତ ଯୋଗଦେଇଥିବା ସମସ୍ତ ଆଲୁମିନି ନିଜର ଅନୁଭୂତି ବଖାଣି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।



## ଶକ୍ତି ପରୀକ୍ଷା

ମହାରାଷ୍ଟ୍ର ଭଳି ଏକ ବଡ଼ ରାଜ୍ୟ ତଥା ହରିୟାନା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ବିଜେପି ବିଜୟ ହାସଲ କରିଛି। ମହାରାଷ୍ଟ୍ରରେ ବିଜୟର ବ୍ୟବଧାନ ବେଶ ଅଧିକ ହୋଇଛି। ସେଠାରେ ବିଜେପି ଏକାକି ପାଖାପାଖି ସଂଖ୍ୟାଗରିଷ୍ଠତାର ନିକଟତର ହୋଇଛି। କିନ୍ତୁ ଝାଡ଼ଖଣ୍ଡରେ ବିଜେପି ପରାଜିତ ହୋଇଛି। ସେଠାରେ ହେମନ୍ତ ସୋରେନଙ୍କ ଜେଏମଏମ ନେତୃତ୍ୱାଧିନ ମେଣ୍ଟ ଜିତିଛି। ଜେଏମଏମ ସହ କଂଗ୍ରେସ, ଆରଜେଡି ଏବଂ ସିପିଆଇ(ଏମଏଲ) ମେଣ୍ଟ କରିଥିଲେ। ସେଠାରେ କଂଗ୍ରେସର ବିଜୟ ଗୌଣ ଭାବେ ବିଚାର କରାଯାଉଛି। ଜାମ୍ମୁ-କାଶ୍ମୀରର ପୂର୍ଣ୍ଣ ରାଜ୍ୟମାନ୍ୟତା ପାଇନି। ଏହା ଏକ କେନ୍ଦ୍ର ଶାସିତ ଅଞ୍ଚଳ। ସେଠାରେ ଓମାର ଅବଦୁଲ୍ଲାଙ୍କ ନ୍ୟାସନାଲ କନଫରେନ୍ସ ବିଜୟୀ ହୋଇ ସରକାର ଗଠନ କରିଛି। ବିଜେପି ମୁଖ୍ୟ ବିରୋଧୀ ଦଳ ଭାବେ ଉଭା ହୋଇଛି। କଂଗ୍ରେସ ସେଠାରେ ନ୍ୟାସନାଲ କନଫରେନ୍ସ ସହ ମେଣ୍ଟ କରି କିଛିଟା ସଫଳତା ପାଇଛି। କିନ୍ତୁ ନ୍ୟାସନାଲ କନଫରେନ୍ସ ସରକାର ଗଠନରେ କଂଗ୍ରେସର ସହଯୋଗ ଆବଶ୍ୟକ କରୁନି। କାଶ୍ମୀର ଉପତ୍ୟକାରେ ନ୍ୟାସନାଲ କନଫରେନ୍ସ ବିଜୟୀ ହୋଇଥିବା ବେଳେ ଜାମ୍ମୁରେ ବିଜେପି ଅଧିକ ଆସନ ପାଇଛି। ଝାଡ଼ଖଣ୍ଡ ଓ ଜାମ୍ମୁ-କାଶ୍ମୀରରେ ଦୁଇଟି ଆଞ୍ଚଳିକ ଦଳ ବିଜୟୀ ହୋଇଥିବା ବେଳେ ବିଜେପି ଦୁଇ ନମ୍ବର ସ୍ଥାନରେ ରହି ନିଜ ସ୍ଥିତି ଜାହିର କରିଛି। ଏବେ ଫୋକସ ୨୦୨୫ ଉପରେ। ଆସନ୍ତା ଫେବୃଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବ। ବର୍ଷ ଶେଷକୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏବେ ଦିଲ୍ଲୀ ଦଖଲ ପାଇଁ ଶାସକ ଆପ ଏବଂ ବିଜେପି ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ। କଂଗ୍ରେସ ସେଠାରେ କେବଳ ନିଜ ସ୍ଥିତିରେ ଉନ୍ନତି ଲାଗି ବ୍ୟାକୁଳ। ଦିଲ୍ଲୀ ବିଧାନସଭାରେ କଂଗ୍ରେସ ସମ୍ପୂର୍ଣ୍ଣ ପ୍ରତିନିଧି ଶୂନ୍ୟ। ସେଠାରେ ଏକଦା କଂଗ୍ରେସ କ୍ରମାଗତ ୧୫ ବର୍ଷ ଧରି କ୍ଷମତାରେ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହା ସମ୍ପୂର୍ଣ୍ଣ ଶକ୍ତିହୀନ ହୋଇପଡ଼ିଛି। ୨୦୧୪ ଏବଂ ୨୦୧୯ରେ ଦିଲ୍ଲୀର ସମସ୍ତ ୭ଟି ଲେଶକସଭା ଆସନରେ ବିଜେପି ବିଜୟୀ ହୋଇଥିଲା। କିନ୍ତୁ ଅଳ୍ପ କିଛି ମାସ ପରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜରିୱାଲଙ୍କ ଆମ ଆଦମୀ ପାର୍ଟୀ କ୍ଲିନ ସୁଇପ କରିଛି। ୨୦୨୪ରେ ମଧ୍ୟ ବିଜେପି ଦିଲ୍ଲୀର ସମସ୍ତ ୭ଟି ଲୋକସଭା ଆସନ ଦଖଲ କରିଛି। କିନ୍ତୁ ଏହା ସତ୍ତ୍ୱେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏହା ବିଜୟ ସମ୍ଭାବନା ନେଇ ନିଶ୍ଚିତ ନୁହେଁ। ଅତୀତର ଅଭିଜ୍ଞତା ଏହା ପ୍ରମାଣିତ କରିଛି। ମହାରାଷ୍ଟ୍ର ଏବଂ ହରିୟାନାରେ ଲୋକସଭା ନିର୍ବାଚନରେ କଂଗ୍ରେସ ବା ଇଣ୍ଡିଆ ବ୍ଲକ ଅଧିକ ସଫଳତା ପାଇଥିଲା। କିନ୍ତୁ ବିଧାନସଭା ନିର୍ବାଚନରେ ଫଳ ଓଲଟିଗଲା। କାରଣ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ପ୍ରସଙ୍ଗ ଭିନ୍ନ, ନେତୃତ୍ୱ ଭିନ୍ନ। ଦିଲ୍ଲୀରେ ବିଜେପିର କେହି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନାହାଁନ୍ତି। ଦଳ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ଭାବମୂର୍ତ୍ତୀ ଆଧାରରେ ଲଢ଼ିବ। କିନ୍ତୁ ଆପର ନେତା ହେଉଛନ୍ତି ଅରବିନ୍ଦ କେଜରିୱାଲ। କେଜରିୱାଲଙ୍କୁ ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ବିଗତ ଦୁଇଟି ନିର୍ବାଚନରେ ଦିଲ୍ଲୀବାସୀ ଆପକୁ ଭୋଟ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ବିଜେପି କେଜରିୱାଲଙ୍କୁ ଲଗାତର ଟାର୍ଗେଟ କରି ଆସୁଛି। ମଦ ଦୁର୍ନୀତି ମାମଲାରେ କେଜରିୱାଲ ଓ ତାଙ୍କ ସହଯୋଗୀ ମନିଷ ସିସୋଦିଆ ଗିରଫ ହୋଇ ଦୀର୍ଘ ଦିନ ଜେଲରେ ରହିଲେ। ଏବେ ଜାମିନରେ ଆସିଛନ୍ତି। କିନ୍ତୁ ତାଙ୍କୁ ପୁନର୍ବାର ଗିରଫ କରିବାକୁ ଇଡି ଯୋଜନା କରୁଛି। ତାଙ୍କୁ ଦଣ୍ଡିତ କରିବା ନିମନ୍ତେ ଦିଲ୍ଲୀର ଏଲଜି ଇଡିକୁ ଅନୁମତି ଦେଇଛନ୍ତି। ଯାହା ଜଣା ପଡୁଛି ଫେବୃଆରୀରେ ନିର୍ବାଚନ ପୂର୍ବରୁ କିଛି ଗୋଟେ ବଡ଼ ଖେଳ ହେବ। ଦିଲ୍ଲୀ ବିଧାନସଭା ନିର୍ବାଚନ ସେମିତି ଏକ ବଡ଼ ଶକ୍ତି ପରୀକ୍ଷା ନୁହେଁ।

## ଦେଖିବାକୁ ସୁନାପରି


॥ ଅଜୟ କୁମାର ବେହେରା ॥



“ ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତକ୍ରାଳ ଦେଖିବାକୁ ସୁନାପରି।


ଗଙ୍ଗଠାରୁ ଅର୍ଥ ସୁନା, ସୁନା ପୁଅ ସୁନାର ସଦୃଶ। ଏହି ଶବ୍ଦର ବହୁ ପ୍ରଚଳନ ତେଲଗୁ ରାଜ୍ୟ ଆମେ ଜାଣିଛେ ମହୀଶୂର ରାଜ୍ୟରେ କୋଲାର ସୁନାଖଣି ଅଛି। ମହୀଶୂରର ରାଜଧାନୀ ବାଙ୍ଗାଲୋର ଏହା ସୁନା ଶବ୍ଦ ସହିତ ହୁଏତ ଜଡ଼ିତ। ଦକ୍ଷିଣରେ ସୁନାର ଲଙ୍କା ଥିଲା। ରାବଣ ଜଳ ବେଷ୍ଟିତ ଗଡ଼ରାଜ୍ୟ। ଯାହା ଏକ ସମୃଦ୍ଧ ସୁନ୍ଦର ରାଜ୍ୟ। ଶ୍ରୀରାମ ଦୂତ ଏହି ଗଡ଼ରେ ପଶି ଶିକ୍ଷା ଦେବାପାଇଁ ସୁନ୍ଦର ଦିଶିବା ସ୍ତର ଗୁଡ଼ିକ ଅଗ୍ନୀରେ ଦାହ କରିଥିଲେ। ଅଗ୍ନୀର ପ୍ରବଳ ଦାହିବା ଶକ୍ତି ଯେପରି ସବୁ ଧାତୁକୁ ତରଳାଏ ସେପରି ସୁନାକୁ ବି ତରଳାଏ। ସୁନା ତରଳି ଗଲେ ଜଳର ଧର୍ମରୁ ଏକ ରୂପ ଉଚ୍ଚରୁ ନିମ୍ନକୁ ଗଡ଼େ। ଅତଏବ ସୁନା ରୂପ ବଦଳିଯାଏ ସିନା ମୂଳ ଧର୍ମ କେବେ ହରାଏ ନାହିଁ। ପୁଣି ସୁନା ଠାରୁ ସୁନା ଭସ୍ମ ବହୁ ଗୁଣ ଦାମୀ। ହନୁମାନ ଲଙ୍କାର ଜନବାସ ହାନି ଫଳ ଜଙ୍ଗଲ ନଷ୍ଟହାନି କଲେ ବି ମହାବାତ୍ୟା ପରେ ପୁନଃ ଜନବାସ ନିର୍ମାଣ ହୋଇଗଲା ପରି ଲଙ୍କାର ପୁନଃ ନିର୍ମାଣ ହୋଇଥିଲା।

ହନୁମାନ କାଞ୍ଚନ ବରନ, ଅର୍ଥାତ୍ ସୁନାର ରଙ୍ଗ ଦୁର୍ଗାଙ୍କ ରଙ୍ଗ ସୁନାର ରଙ୍ଗ ମହାଲକ୍ଷ୍ମୀ ତ ଖୋଦ ସୁନା ଅଳଙ୍କରଣ ଭୂଷିତା, ସ୍ୱର୍ଣ୍ଣ ରଙ୍ଗ ସ୍ୱର୍ଣ୍ଣ ଦାନକାରିଣୀ। ହରିଣୀଟିଏ ସୁନାରେ କେବେ ହୋଇନପାରେ ମହାବିଦୁଷୀ ଜନକ ନନ୍ଦିନୀ ସୀତା ଠାକୁରାଣୀ ଏକଥା ଜାଣିଛନ୍ତି। ତାଙ୍କ ଘରକୁ କେବେ ସାଧୁ ସନ୍ନ୍ୟାସୀ ମୁନୀ ଋଷି ଆସୁନଥିବେ। ପ୍ରମାଣିକ ପୁସ୍ତକ ଏବେ ମିଳୁଛି। ଅଷ୍ଟବକ୍ରୀ ଗୀତା ସଂହିତା ଯେ ଜନକଙ୍କ ରାଜସଭଭାରେ ଖୋଦ ଅଷ୍ଟବକ୍ର ବୟାନ କରିଛନ୍ତି। ଏପରି ଜ୍ଞାନୀଙ୍କ ସହଚର୍ଯ୍ୟା ସତସଙ୍ଗରେ ରହି ପୁଣି ରାଜମହଲର ଝିଅ ରାଜମହଲର ବୋହୁ ହୋଇ ସୁନାର ଅଭାବ ଅନୁଭବ ନକରି ଶେଷରେ ସ୍ୱାମୀଙ୍କ ଜଙ୍ଗଲ ଯିବ ବେଳେ ତାକୁ ଚାହିଁ ନଥିଲେ ଲୋଭାସକ୍ତ ହୋଇନଥିଲେ ସେ ସ୍ୱାମୀଙ୍କୁ ହୀଟକକର ଶ୍ରେଷ୍ଠ ସ୍ୱର୍ଣ୍ଣ ପୁରୁଷ ଭାବି ତାଙ୍କ ସହିତ ଜଙ୍ଗଲକୁ ଯାଇ ରାଜମହଲର ରାଣୀ ହଂସପୁରର ଶୟନକକ୍ଷ ଛାଡ଼ି ପର୍ଣ୍ଣକୁଟୀରରେ ବାସ କଲେ ସେ ସୁନାକୁ ତୁଚ୍ଛ କରିଥିଲେ ପୁଣି ଏମିତି ହେଲା ସୁନା ହରିଣୀରେ ଭ୍ରମ ହେଲା ବାସ ସ୍ୱାମୀ ଦେବର ବିଚ୍ଛେଦ ପରେ ପରେ। ଏହି ଦେଖିବାକୁ ସୁନା ପରି ହରିଣୀ କଣ ନାଟ ନକଲା ? ହିରଣ୍ୟ ଅର୍ଥ ସୁନା ହରିଣ୍ୟଗର୍ଭ ଅର୍ଥ ପୃଥିବୀ ପୁଣି ଭଗବାନ ଆଉ ହରିଣ୍ୟକସିପୁ, ହରିଣାକ୍ଷ ଦୁଇଟି ଅସୁର। ହରିଣ୍ୟରେ ସଦା ଆଖି ସଦା ହିରଣ୍ୟ ଓ କାମିନୀ ଏଇ ଦୁଇଟି ହାସଲ ଚିନ୍ତାରେ ଏହି ଦୁଇଜଣ ଥିଲେ। ହିରଣ୍ୟକସିପୁ ତାଙ୍କର ମତକୁ ଦୃଢ଼ ପାଇଁ ବିଦ୍ୱାନ ପୁତ୍ରକୁ ମଧ୍ୟ ହଠାଇ ତାଙ୍କ ପଥ ପରିଷ୍କାର ଚିନ୍ତା କରୁଥିଲେ। ଶେଷର ସେହି ବିଷ୍ଣୁଙ୍କର ନୃସିଂହ ଅବତାର ଆସିଲେ ସେ ହିରଣ୍ୟକସିପୁକୁ ଶେଷ କଲେ। ହିରଣ୍ୟାକ୍ଷଙ୍କର ବି ବିଷ୍ଣୁ ଶେଷ କରିଛନ୍ତି। ସୂର୍ଯ୍ୟ ଠାରୁ ବହୁ ମୂଲ୍ୟବାନ ଭଗବାନ ଏକଥା ସେମାନେ ଭୁଲି ଥିଲେ। ପାପ ପ୍ରଶାସନର ଧାରା ପ୍ରହ୍ଲାଦ ହିଁ ଭଗବାନଙ୍କର ରହସ୍ୟ ଜାଣି ବଦଳାଇଥିଲେ, ମାନବ (ପ୍ରଜା) ସେବା ମାଧବ ସେବା, ଏକଥା ହିରଣ୍ୟ କଶିପୁ ଜାଣି ନଥିଲେ। ଆହ୍ଲାଦିନୀ ଶକ୍ତିରେ ବିଶେଷ ପ୍ରଭାବିତ ପ୍ରହ୍ଲାଦ ଜାଣି ଶାସନ କରିବା ଆରମ୍ଭ କରିଥିଲେ। ସାତ୍ତ୍ୱିକ ପ୍ରେମାନନ୍ଦରେ ଦେବତା ଶାନ୍ତି ହୁଅନ୍ତି। ପ୍ରହ୍ଲାଦ ଭକ୍ତ ଶିରୋମଣୀ ତାଙ୍କ ପାଇଁ ଦଶ ଅବତାରରେ ଭକ୍ତରକ୍ଷକ ଭଗବାନ ହୁଅନ୍ତି ଏହା ପ୍ରଥମ ଉଦାହରଣ ଥିଲା। ଅନେକ ଭକ୍ତିର ଛଳନା କରି ରୋଜଗାରକ୍ଷମ ଅର୍ଜନକ୍ଷମ ହାସଲକ୍ଷମ ଏମାନେ ଦେଖିବାକୁ ସୁନାପରି।

ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତକ୍ରାଳ ଦେଖିବାକୁ ସୁନାପରି। ପରୀମାନେ ଭାରି ସୁନ୍ଦର କଳ୍ପନା କରି ଚିତ୍ରକର ବା ମୂର୍ତ୍ତିକାର ଏପରି ମୂର୍ତ୍ତି କରନ୍ତି। ସିନେମା ଷ୍ଟାରମାନେ ବଛାଇ ହୋଇ ନିଆଯାଇଥାନ୍ତି। ସେମାନେ ଯୁବତୀ କଳାରେ ଦର୍ଶକ ମୋହକ ହୋଇଥାନ୍ତି। ତାଙ୍କର ଜୀବ ଅସାନ ହେଲେ ତାଙ୍କର ସିନେମା ଅବସାନ ହୋଇନଥାଏ। ଲୋକେ ଯୁବାବସ୍ଥାରେ ସେ ଛବି ବି ଦେଖିଥିବେ ମାତ୍ର ସେହି ଦର୍ଶକ ବୃଦ୍ଧ ହୋଇ ଯଦି ସେ ଛବିମାନ ଦେଖିଲେ ବିରକ୍ତବୋଧ କରିଥାନ୍ତି। ହେଲେ ସବୁକାଳର ଯୁବକଙ୍କ ପାଇଁ ସେହିପରି ସୁନ୍ଦରୀଙ୍କ ସବୁ ଦେଖିବାକୁ ସୁନାପରି। ପାଠ ଠିକ ପଢ଼ିଲେ ବି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅନେକ ନୁହଁନ୍ତି। ପୁଣି ଏଥିରେ ଠିକ କୋର୍ସ ସାରି ସମୟ ବିତାଇ ପରୀକ୍ଷା ଦେଇ ଭଲ ଡିଗ୍ରୀ ହାସଲ ସାର୍ଟିଫିକେଟ ହାସଲ କରିଛନ୍ତି ମାତ୍ର କୌଣସି କର୍ମ ମୁତୟନ ପାଇଁ କିଛି ସମସ୍ୟାରେ ଏମାନେ ପଡୁଛନ୍ତି କାରଣ ଏକାପରି ସାର୍ଟିଫିକେଟ ପାଠ ନଥାଏ କେହି ଜାଲପଥରେ ହାସଲ କରି କର୍ମ ମୁତୟନ କର୍ତ୍ତାଙ୍କର ପାଖଲୋକ ସୁପାରିଶରେ ହାସଲ କରିବା ଦେଖାଯାଉଛି। ସଠିକ ସାର୍ଟିଫିକେଟ ଓ ନକଲି ସାର୍ଟିଫିକେଟ ଠିକ ଏକାପରି ଏହା ବି ଦେଖିବାକୁ ସୁନାପରି ଧାରାରେ ଆସୁଛି। ପୋଲିସ ବାବୁମାନେ ସୁନା ବିସ୍କୁଟ ଜବତ କରୁଛନ୍ତି ଏହା ଲେଖା ଯାଉଛି ମାତ୍ର ଚୋର ଠାରୁ ଚୋରି ସୁନା ଅଳଙ୍କାର ଜବତ କଲେ ସେମାନେ ଲେଖନ୍ତି ଦେଖିବାକୁ ସୁନାପରି କାରଣ ସୁନା ବିସ୍କୁଟରେ ଏପରି ଲେବଲ ଥାଏ ଯାହା ଅସଲି ପ୍ରମାଣିତ କରୁଥାଏ। ମାତ୍ର ସୁନା ଅଳଙ୍କାରରେ ଅନେକ ଭେଜାଲ ଅଛି ଏହା ସୁନା ଲେଖିଲେ ଜବତକାରୀ ଅଫିସର ପରେ ହଇରାଣରେ ପଡ଼ି ପାରନ୍ତି। ବୟସ ବଢ଼ିଲେ ବାର୍ଦ୍ଧକ୍ୟରେ ଅଜା ଆଇ, ଜେଜେମା, ମାଉସୀ, ଖୁଡ଼ି ମାଇଁ ପରି ଡାକକୁ ଆସିଥାନ୍ତି। ସମ୍ପର୍କ ଦୁଇ ପ୍ରକାର ଏକ ପ୍ରତ୍ୟକ୍ଷ ଆଉ ଏକ ଅପ୍ରତ୍ୟକ୍ଷ। ଅପ୍ରତ୍ୟକ୍ଷ ରିସ୍ତା ବୟସର ଚିହ୍ନରୁ ଧରାଯାଏ ଏବେ ସମସ୍ତେ କେଶ କଳର କରୁଛନ୍ତି ଚୁଟ ପାଚିଗଲାଣି ରଙ୍ଗ କରାଯାଉଛି। ଏଥିରେ କେମିତି ସେ ଯୁବକ ବା ଯୁବତୀ ଅବସ୍ଥାରେ ରହିବେ ଏ ଅବଚେଷ୍ଟା ଫଳରେ ଅଙ୍କଲ ଆଣ୍ଟି ନଶୁଣି ଭାଇ, ଭାଉଜ ଭାବରେ ସମୟ ବିତାଇବାକୁ ଚାହୁଁଛନ୍ତି। ଏଯୁଗ ଏପରି ମନୁଷ୍ୟ ବୟସ ଲୁଚାଉଛି ଓ ଭାଇ ଭାଉଜ ବା ଭାଇ ଭଉଣୀ ପଦକୁ ଦେଖିବାକୁ ସୁନାପରି କରୁଛି।


‘ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩


## ସତ୍‌ସଙ୍ଗର ଆହ୍ୱାନ : ସତ୍‌ସଙ୍ଗୀ ସାବଧାନ


॥ ଉମେଶ ଚନ୍ଦ୍ର ପାତ୍ର ॥


ସତ୍‌ସଙ୍ଗର ପ୍ରାଣପୁରୁଷ ଭଗବାନ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ ଉଦ୍‌ଘୋଷଣା କଲେ - ସତ୍‌ରେ ସଂଯୁକ୍ତିର ସହିତ ତଦ୍‌ଗତି ସମ୍ପନ୍ନ ଯେଉଁମାନେ ସେହିମାନେ ହିଁ ହେଲେ ସତ୍‌ସଙ୍ଗୀ ଓ ସେମାନଙ୍କର ମିଳନ କ୍ଷେତ୍ର ହେଲା ସତ୍‌ସଙ୍ଗ। ସତ୍‌ସଙ୍ଗର ଗତି ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ସତ୍‌ସଙ୍ଗ ଚାହେଁ ମଣିଷ, ଈଶ୍ୱର କୁହ, ଖୋଦା ହିଁ କୁହ, ଭଗବାନ ବା ଅସ୍ତିତ୍ୱ ହିଁ କୁହ, ଭୂତ ମହେଶ୍ୱର ଯିଏ ଏକ - ତାଙ୍କରି ନାମରେ, ସେ ବୁଝେନା ହିନ୍ଦୁ, ସେ ବୁଝେନା ଖ୍ରୀଷ୍ଟିୟାନ, ସେ ବୁଝେନା ମୁସଲମାନ, ସେ ବୁଝେନା ବୌଦ୍ଧ, ସେ ବୁଝେ ପ୍ରତି ପ୍ରତ୍ୟେକ ତାଙ୍କରି ସନ୍ତାନ, ସେ ଆନତ କରି ତୋଳିବାକୁ ଚାହେଁ ସମସ୍ତଙ୍କୁ ସେହି ଏକଙ୍କ ଠାରେ, ସେ ପାକିସ୍ତାନ ବୁଝେନା, ସେ ହିନ୍ଦୁସ୍ତାନ ବୁଝେନା, ଋଷିଆ ବୁଝେନା, ଚାଇନା ବୁଝେନା, ଇଉରୋପ ବା ଆମେରିକା ବୁଝେନା, ସେ ଚାହେଁ ମଣିଷ - ସେ ଚାହେଁ ପ୍ରତ୍ୟେକଟି ଲୋକ - ସେ ହିନ୍ଦୁ ହିଁ ହେଉ, ମୁସଲମାନ ବି ହେଉ, ଖ୍ରୀଷ୍ଟିୟାନ ବି ହେଉ, ବୌଦ୍ଧ ବି ହେଉ ବା ଯେ କେହି ହେଉନା କାହିଁକି ଯେପରି ସମବେତ ହୁଅନ୍ତି ତାଙ୍କରି ନାମରେ , ପଞ୍ଚବର୍ହିର ଉଦ୍ଦାମ ଆହ୍ୱାନରେ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଲ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ - ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା। ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍‌ଘୋଷିତ ହେଲା - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ପୁଣି ସେହି ସାବଧାନ ବାଣୀ - ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ - କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା’ ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା। ଆଉ ମା’ କେବଳ ମା’ - କାମିନୀ ନୁହେଁ। ମା’ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ। ସାବଧାନ ! ମା’କୁ ମାଗୀ ଭାବି ମରନାହିଁ। ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। ସାବଧାନ ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା’ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ। ଯେତେପାର ସେବା କର, କିନ୍ତୁ ସାବଧାନ ! ସେବା ନେବାକୁ ଯେପରି ଇଚ୍ଛା ନହୁଏ। ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ। ଯଦି ଭୁଲ କହିଥାଅ, ସାବଧାନ ! ଭୁଲ କରନାହିଁ। ପୁଣି ସେହି ସତର୍କ ବାଣୀ - ଖବରଦାର୍, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୂଷା କରାଇବାକୁ ଯାଅନାହିଁ - ପ୍ରସାଦରୁ ବଞ୍ଚିତ ହୁଅନାହିଁ। ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ। ଆଉ ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ। ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ। ସାବଧାନ ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ। ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ। ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ। ଗଭୀର ବିଶ୍ୱାସରେ ସବୁକିଛି ହୋଇପାରେ। ବିଶ୍ୱାସ କର, ସାବଧାନ ! ଅହଂକାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନଆସେ - ଯାହା ଚାହିଁ ତାହା ହିଁ ହେବ। ବିଶ୍ୱାସ କ୍ଷେତ୍ର ଅତ୍ୟନ୍ତ ଉର୍ବର। ସାବଧାନ ! ଅବିଶ୍ୱାସ ରୂପକ ଅନାବନା ଗଛରେ ସନ୍ଦେହ ରୂପକ ଅଙ୍କୁର ଉଠିବା ଦେଖିଲେ ହିଁ ତତ୍‌କ୍ଷଣାତ ତାହା ଉତ୍ପାଟନ କର, ନତୁବା ଭକ୍ତି ରୂପକ ଅମୃତ ବୃକ୍ଷ ଗଜେଇ ପାରିବନାହିଁ। କ୍ଳୀବତ୍ୱ, ଦୁର୍ବଳତା ଅନେକ ସମୟରେ ଭକ୍ତିର ଖୋଳପା ପିନ୍ଧି ଛିଡ଼ା ହୁଏ, ତାହାଠାରୁ ସାବଧାନ ହୁଅ। ପ୍ରିୟତମଙ୍କ ପାଇଁ କିଛି କରିବାକୁ ଇଚ୍ଛା ହୁଏନାହିଁ - ଅଥଚ ଖୁବ୍ ଭଲ ପାଏ - ଏକଥା ବି ଯାହା, ଆଉ ସୁନାର ପିତଳ ଘୁଘୁ କହିବା ମଧ୍ୟ ତାହା। ସ୍ୱାର୍ଥବୁଦ୍ଧି ହିଁ ପ୍ରାୟ ଉକ୍ତ ପ୍ରକାର ଭଲପାଏ, ତେଣୁ ସେହି ପ୍ରକାର ନିଷ୍କାମ - ଧର୍ମାକ୍ରାନ୍ତ ଭଲପାଇବା ଦେଖି ସାବଧାନ ହେବା ଭଲ, ନତୁବା ବିପଦର ସମ୍ଭାବନା ହିଁ ଅଧିକ।

ଦ୍ୱାପର ଯୁଗରେ ଯୁଗାବତାର ଭଗବାନ ଶ୍ରୀକୃଷ୍ଣ ଭକ୍ତ କୁଳ ତିଳକ ଅର୍ଜୁନଙ୍କୁ କହିଥିଲେ - ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ। ଠିକ୍ ସେହିପରି କଳିଯୁଗରେ କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗୀ ଜନସମାଜଙ୍କୁ ସାବଧାନ ବାଣୀ ଶୁଣାଇ କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ।


**ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**


## ଆମେ ଓ ଆମ ପରିବେଶର ପଶୁପକ୍ଷୀ


॥ ବିପିନ ବିହାରୀ ମହାନ୍ତି ॥


ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ । ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା’ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା’ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ’ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ’ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ’ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା’ ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ । ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।


**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ଜଟଣୀ**



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ମନମୋହନଙ୍କୁ ଶ୍ରଦ୍ଧାଞ୍ଜଳି



ଟାଙ୍ଗୀ(ମହାଭାରତ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ନୂଆଗଡ ପଞ୍ଚାୟତ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହ ଙ୍କ ଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ନୂଆଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆୟୋଜନ କରିଛନ୍ତି କଂଗ୍ରେସ ଦଳର ଜଣେ ସଚୋଟ କର୍ମୀ ପୁର୍ଣ୍ଣ ଚନ୍ଦ୍ର ଜେନା। ଦିନ କୁ ଦିନ ରାଜ୍ୟରେ କଂଗ୍ରେସ ଦଳର ସ୍ଥିତି ବିଗିଡି ବାରେ ଲାଗିଥିବାଲେ କଂଗ୍ରେସ ଦଳର ନୀତି ଆଦର୍ଶ ଓ ମନ ମୋହନ ସିଂ ଙ୍କର ଆଦର୍ଶ କୁ ପାଥେ। କରି ଆୟୋଜନ କରିଛନ୍ତି ଏଭଳି କାର୍ଯ୍ୟକ୍ରମୟ ଯାହାକି କଂଗ୍ରେସ କର୍ମୀ ଙ୍କ ପାଇଁ ପାଲଟିଛନ୍ତି ଆଦର୍ଶ। ଅନୁଷ୍ଠିତ କାର୍ଯ୍ୟକ୍ରମ ରେ କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକୟ ଜୟନ୍ତ କୁମାର ଦାଶ ଅଶୋକ କୁମାର ପାତ୍ରୟ କଂଗ୍ରସ ର ମୁଖପାତ୍ର ପ୍ରଶାନ୍ତ ଶତପଥି ପ୍ରମୁଖ ଯୋଗଦେଇ ମନ ମୋହନ ଙ୍କ ଶାସନ ସମୟରେ ବିଭିଉଜନ ହିତକର କାର୍ଯ୍ୟକ୍ରମ ସୂଚନା ଅଧିକାର ଆଇନ।ଆଧାର କାର୍ଡ ନରେଗା ଯୋଜନା ସମ୍ପର୍କ ରେ ଆଲୋକପାତ କରିଥିଲେ।

## ଭାଗବତ ଗୀତାର ପ୍ରୋତ୍ସାହନ ପାଇଁ ହିନ୍ଦୁ ଏକତା ମଞ୍ଚ ଭାରତ ପକ୍ଷରୁ ସମ୍ବର୍ଦ୍ଧନା ସଭା

ପାରାଦୀପ (ମହାଭାରତ) ଭାଗବତ ଗୀତା ର ପ୍ରଚାର, ପ୍ରସାର ଓ ପ୍ରୋତ୍ସାହନ ପାଇଁ ହିନ୍ଦୁ ଏକତା ମଞ୍ଚ ଭାରତ ଓ଼ ଦେବାଳୟ ବିମୋଚନମ ଉତ୍ତ ଦେଶ ଟ୍ରଷ୍ଟ ଆନୁକୂଲ୍ୟରେ ଜଗତସିଂହପୁର ଜିଲ୍ଲା ରେ ୪୦ ଗୋଟି ବିଦ୍ୟାଳୟରେ ଭଗବତ ଗୀତା ଲିଖିତ ପରୀକ୍ଷା କରାଯାଇଥିଲା । ପ୍ରତ୍ୟେକ ବିଦ୍ୟାଳୟ ର ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଗୀତା ବହି ସହିତ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ହିନ୍ଦୁ ଏକତା ମଞ୍ଚ ଭାରତ ର ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ଜେନା ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ଜଗନ୍ନାଥ ସଂସ୍କୃତି ସୁିଜ୍ଞ ତଥା ପ୍ରାକ୍ତନ ଓଡ଼ିଆ ଭାଷା ସାହିତ୍ୟ ନିର୍ଦ୍ଦେଶକ ଡ଼ଃ. ହରିହର କାନୁନଗୋ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଗବତ ଗୀତା ଦୈନିକ ପାଠ କରିବା ଦ୍ୱାରା ଜଣେ ସଂସ୍କାରିତ ହୋଇ ଦେଶ ର ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ,ସଂଗଠନ ର ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ସାହୁ, ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ,ହିନ୍ଦୁ ଏକତା ମଞ୍ଚ ର ଜଗତସିଂହପୁର ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁରେଶ ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୀତା ର ମହତ୍ୱ ଏବଂ ଦୈନିକ ଗୀତା ପାଠ କରିବା ଦ୍ୱାରା ଜଣେ ବ୍ୟକ୍ତି ର କିପରି ଚରିତ୍ର ଗଠନ ଓ ସାମୁହିକ ବିକାଶ ରେ ସହାୟକ ହୋଇଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ।



ତେବେ ଜିଲ୍ଲାର ବିଭିଉ ବିଦ୍ୟାଳୟ ମାନଙ୍କରେ ଏହି ଗୀତା ଲିଖନ ପରୀକ୍ଷା ଏକତା ମ□ର ସଂଗଠକ ସୁବ୍ରତ ମହାପାତ୍ର, ବିଜୟ ବେହେରା, ଅଜୟ ଶତପଥି,କୈଳାଶ ମଲ୍ଲ, ପ୍ରତାପ କୁମାର ନାୟକ ଙ୍କ ସହଯୋଗରେ ଆୟୋଜିତ ହୋଇଥିଲା ।ସୂଚନାଥାଉକି,ଏହି ସଂଗଠନ ର ଆଭିମୁଖ୍ୟ ହେଉଛି ଭାରତୀୟ ସଂସ୍କୃତି ଓ଼ ଧର୍ମ କୁ ପ୍ରଚାର ପ୍ରସାର କରିବା, ଆଜିର ଯୁବ ପିଢ଼ି ଆମ ଧର୍ମ ସଂସ୍କୃତିକୁ ଭୁଲି ଯାଇ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁସରଣ କରୁଛନ୍ତି ତାହାର କାରଣ ଅଧର୍ମିକ ଜ୍ଞାନ ର ଅଭାବ ଏବଂ ଏହି ଆଧାର୍ମିକ ଜ୍ଞାନ ହାସଲ କରିବାକୁ ହେଲେ ଗୀତା ହିଁ ମାର୍ଗ ଦର୍ଶନ କରିପାରିବ । ହିନ୍ଦୁ ଯଦି ଏକଜୁଟ ନ ହୁଏ, ସେ ତାର ଧର୍ମ ଓ଼ ସଂସ୍କୃତି କୁ ରକ୍ଷା କରିପାରିବ ନାହିଁ । ରବିବାର ଦିନ ପାରାଦୀପ ର ଜୟଦେବ ସଦନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସୁଶୀଲ ପାଲ,ଜୟନ୍ତ ଦାସ, ନିଲମ ସ୍ୱାଇଁ,ବିକ୍ରମ କୁମାର ବିଶୋଇ, ସୁଜିତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ହିନ୍ଦୁ ଏକତା ମ□ଞ୍ଚର ଲକ୍ଷ୍ୟ ହେଲା ଗୋହତ୍ୟା ବନ୍ଦ କରିବା, ସଂଖ୍ୟା ଲଘୁ ମାନଙ୍କୁ ଯେଉଁ ସାମ୍ବିଧାନିକ ଅଧିକାର ଦିଆଯାଇଛି ସେହି ସମାନ ଅଧିକାର ହିନ୍ଦୁ ମାନଙ୍କୁ ଦିଆଯିବା, ଗୀତା କୁ ବିଦ୍ୟାଳୟ ସ୍ତରୀୟ ପାଠ୍ୟକ୍ରମ ରେ ସାମିଲ କରାଯିବା ଇତ୍ୟାଦି । ତେବେ ଭାଗବତ ଗୀତା ର ପ୍ରୋତ୍ସାହନ ପାଇଁ ହିନ୍ଦୁ ଏକତା ମଞ୍ଚ ଭାରତ ର ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ଜେନା ଙ୍କ ଏପରି ମହତ ଉଦ୍ୟମ କୁ ସମସ୍ତ ଅତିଥି ଓ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

## ସମାଜସେବୀ ସଂଗଠନ ପକ୍ଷରୁ କମ୍ବଳ ଏବଂ ଗୋମାତାଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ

ଅନୁଗୋଳ ,(ମହାଭାରତ):ଅନୁଗୋଳ ଜିଲ୍ଲା ହେଲ୍ପିଙ୍ଗ ହ୍ୟାଣ୍ଡ ସମାଜସେବୀ ସଂଗଠନ, ଗାୟତ୍ରୀ ପରିବାର ଏବଂ ଶ୍ରୀ ଜଗନ୍ନାଥ କଳେବର ସେବା ସଂସ୍ଥାନର ମିଳିତ ଆନୁକୂଲ୍ୟରେ ଦେବଗଡ ଜିଲ୍ଲାର ରେଙ୍ଗାଳବେଡା ସେବାଧାମ ଏବଂ ସମ୍ବଲପୁର ଜିଲ୍ଲା କୁସୁମୀ ବ୍ଲକର କୁନ୍ତରା ସ୍ଥିତ ଋଷିକୁଳ ସେବାଶ୍ରମ ଠାରେ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସେବା କାର୍ଯ୍ୟକ୍ରମରେ ହେଲ୍ପିଙ୍ଗ ହ୍ୟାଣ୍ଡ ସମାଜସେବୀ ସଂଗଠନର ସଦସ୍ୟ ବିଶ୍ୱରଞ୍ଜନ ବାରିକ,ଜ୍ୟୋର୍ତିବିଦ ପଣ୍ଡିତ ଡକ୍ଟର ମେଘନାଦ ମହାରଣା,ଦୀପକ କୁମାର ନାୟକ,ଅଜିତ କୁମାର ସାହୁ,ପ୍ରଫୁଲ୍ଲ କୁମାର ଅରଖ,ବିଜୟ କୁମାର ମହାରଣା,ସୋମେଶ ଜେନା,ଆନନ୍ଦ ପାତ୍ର,ରୋଜାଲିନ ପଣ୍ଡା,ମଞ୍ଜୁ ମହାନ୍ତି,ସଂଘମିତ୍ରା ମହାରଣା,ବୈଜୟନ୍ତୀ ବାରିକ,ଶୁଭେନ୍ଦୁ ମହାପାତ୍ର,ସନ୍ତୋଷ ପ୍ରଧାନ,ଉପେନ୍ଦ୍ର ବେଜ,ଚନ୍ଦନ କୁମାର ସାହୁ,ଅନୁଗୋଳ ଜିଲ୍ଲା ଗାୟତ୍ରୀ ପରିବାରର ବରିଷ୍ଠ ଆଚାର୍ଯ୍ୟ ଯଦୁମଣି ପ୍ରଧାନ,ବସନ୍ତ କୁମାର ନାଥ ଏବଂ ଶ୍ରୀ ଜଗନ୍ନାଥ କଳେବର ସେବା ସଂସ୍ଥାନର ସଦସ୍ୟ ସାଗର ସାହୁ ପ୍ରମୁଖ ଯୋଗଦାନ କରି ଆଶ୍ରମରେ ଥିବା ଅନ୍ତେବାସୀ ମାନଙ୍କୁ କମ୍ବଳ ଏବଂ ଶୁଖିଲା ଖାଦ୍ୟ ସାମଗ୍ରୀ ଯଥା ଚାଉଳ,ବିସ୍କୁଟ ଆଦି ବିତରଣ କରିବା ସହିତ ଆର୍ଥିକ ସାହାଯ୍ୟ ପନ୍ଦର ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲାୟ ରେଙ୍ଗାଳବେଡା ସେବାଧାମର କର୍ମେନ୍ଦ୍ର ଦାସ,ହରିଶ ଚନ୍ଦ୍ର ପ୍ରଧାନ,ସଶିକାନ୍ତ ରଥ ଏବଂ ଋଷିକୁଳ ସେବାଶ୍ରମର ପ୍ରଧାନ ଅଧ୍ୟାପକ ବସନ୍ତ କୁମାର ପଣ୍ଡା,ସଂସ୍କୃତ ଆଚାର୍ଯ୍ୟ ନବୀନ କୁମାର ଦ୍ୱିବେଙ୍କ ସମେତ ଗୁରୁଜୀ,ଗୁରୁମା ବୃନ୍ଦ ଉପସ୍ଥିତ ରହି ବିତରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଉତ୍କଳ ମିଡ଼ିଆ ସାମ୍ବାଦିକ ସଙ୍ଘ ତରଫରୁ ସ୍ଥାନୀୟ ସେବା ସମାଜରେ ଥିବା ଅନ୍ତେବାସୀଙ୍କୁ ଖାତା, ପେନସିଲ, ରବର ଓ ଶୁଖିଲା ଖାଦ୍ୟ ବଣ୍ଟନ



ରାୟଗଡ(ମହାଭାରତ):ରାୟଗଡ: ଉତ୍କଳ ମିଡ଼ିଆ ସାମ୍ବାଦିକ ସଙ୍ଘ ତରଫରୁ ସ୍ଥାନୀୟ ସେବା ସମାଜରେ ଥିବା ଅନ୍ତେବାସୀଙ୍କୁ ଖାତା, ପେନସିଲ, ରବର ଓ ଶୁଖିଲା ଖାଦ୍ୟ ବ□ନ କରାଯାଇଛି କ୍ଷ ସଙ୍ଘର ସଭାପତି ଶ୍ରୀ ଦୟାନନ୍ଦ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ଅତିଥିଭାବେ ରାୟଗଡ ପୌର ପରିଷଦର ଉପ ନଗରପାଳିକା ଶ୍ରୀମତୀ ଶୁଭ୍ରା ପଣ୍ଡା, ଶ୍ରୀମତୀ ସସ୍ମିତା ମହାନ୍ତି ଓ ଶ୍ରୀମତୀ ଏସ. ସୁଜାତା ,ଏସ ଶୋଭାରାଣୀ ଯୋଗ ଦେଇ ସେବା ସମାଜରେ ରହୁଥିବା ଅନ୍ତେବାସୀଙ୍କୁ ଉକ୍ତ ଦ୍ରବ୍ୟ ବ□ନ କରିବା ସହ ସେମାନଙ୍କ ସହ ଏକ ବନ୍ଧୁତା ପୂର୍ଣ୍ଣ ଆଲୋଚନା କରିଥିଲେ । ଶ୍ରୀମତୀ ପଣ୍ଡା ଉତ୍କଳ ମିଡ଼ିଆ ସାମ୍ବାଦିକ ସଙ୍ଘର ଏହି ଭଳି ସାମାଜିକ କାର୍ଯ୍ୟକ୍ରମକୁ ଭୂରୀ ଭୂରୀ ପ୍ରଶଂସା କରିଥିଲେ । ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମରେ ଯୋଗ ଦେଇ ସହଯୋଗ କରିବେ ବୋଲି ସେ ପ୍ରକାଶ କରିଥିଲେ । ଉତ୍କଳ ମିଡ଼ିଆ ସାମ୍ବାଦିକ ସଙ୍ଘ ପ୍ରତିବର୍ଷ ବିଭିଉ ସମୟରେ ନିଜର ସାମାଜିକ କାର୍ଯ୍ୟକ୍ରମ ମାନ କରିଆସୁଛି ।ବିଶେଷ କରି ପରିବେଶ ସନ୍ତୁଳନ ରକ୍ଷା କରିବା ନେଇ ଜିଲ୍ଲାର ବିଭିଉ ଖାଲି ଥିବା ସ୍ଥାନ ମାନଙ୍କରେ ବୃକ୍ଷଚରା ରୋପଣ କରିବା ସହ ସେହି ଚରାର ରକ୍ଷଣବେକ୍ଷଣ ଉପରେ ନଜର ଦେଉଚି ଏହାସହ ବିଭିଉ ବିଦ୍ୟାଳୟ ମାନଙ୍କରେ ପରିବେଶର ସୁରକ୍ଷା କିଭଳି କରାଯିବ ତାସହିତ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ କିଭଳି କରାଯାଇ ପାରିବ ସେଥିନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରି ପୁରସ୍କାର ବିତରଣ କରିବା ସହ ଭିତରେ ପରିବେଶର ସୁରକ୍ଷା ନେଇ ସଚେତନତା ସୃଷ୍ଟି କରାଯାଉଛି । ଏହାସହ ନିଶାମୁକ୍ତ ସମାଜ ଗଠନ କରିବା ନେଇ ନିଶା ନିବାରଣ କାର୍ଯ୍ୟକ୍ରମ ମାଧମରେ ସଚେତନ କରିବା, ଓଡ଼ିଆ ଭାଷାର ସୁରକ୍ଷା ନେଇ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନେ କିଭଳି ନିଜର ମାତୃଭାଷା ଓଡ଼ିଆ ଠିକ ଭାବେ କହିପାରିବେ ଲେଖିପାରିବେ ସଚେତନ କରିବା ସହ ସେମାନଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବହି, ଖାତା, ପେନସିଲ, ରବର ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥାଏ ସଙ୍ଘ, ଏହାସହ ସ୍ଥାନୀୟ ଜରାଶ୍ରମରେ ରହୁଥିବା ଅନ୍ତେବାସୀଙ୍କୁ ବିଭିଉ ସମୟରେ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରିଥାଆନ୍ତି ସଙ୍ଘର ସମସ୍ତ ସଭ୍ୟ । ଆଗାମୀ ଦିନରେ ଏଭଳି ସାମାଜିକ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ସହ ଜିଲ୍ଲାର ଅନ୍ୟ ବ୍ଲକରେ ସାମାଜିକ କାର୍ଯ୍ୟକ୍ରମ କରାଯିବା ନେଇ ସୂଚନା ଦେଇଛନ୍ତି ସଙ୍ଘର ସଭାପତି ଶ୍ରୀ ଦୟାନନ୍ଦ ଖାଡ଼ଙ୍ଗା । ସଙ୍ଘର ସମ୍ପାଦକ ଶ୍ରୀ ମନୋଜ କୁମାର ସାହୁ,ଉପ ସଭାପତି ସନ୍ତୋଷ ଲାମତା , ସଭ୍ୟ ଶ୍ରୀ କେ. କ୍ରିଷ୍ଣା ମୂର୍ତ୍ତି ,ବି , ଶ୍ରବଣା ,ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସହଯୋଗ କରିଥିଲେ ।

## ପାରାଦୀପ ମହାବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ପାରାଦୀପ (ମହାଭାରତ): ପାରାଦୀପ ମହାବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ଆଲୁମିନି ଆସୋସିଏସନ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ରବିବାର ଅପରାହ୍ନ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଲୁମିନି ଆସୋସିଏସନ ର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକ ରେ କଲେଜ ର ଅଧକ୍ଷା ଡ଼ଃ.ସସ୍ମିତା ଶତପଥୀ, ପୂର୍ବ□ନ ଅଧକ୍ଷ ଡ଼ଃ. ଶଙ୍କର ମହାପାତ୍ର ଓ ଡ଼ଃ ସୁରେନ୍ଦ୍ର ମୋହନ ମିଶ୍ର,ପ୍ରାକ୍ତନ ପ୍ରାଧାପିକ ଡ଼ଃ. ଶକୁନ୍ତଳା ଆଚାର୍ଯ୍ୟ, ଆଲୁମୁନି ଆସୋସିଏସନ ର ସାଧାରଣ ସଂପାଦକ ଗୌତମ କୁମାର ନାୟକ, ଉପସଭାପତି ଡ଼ଃ.ପ୍ରଦୀପ୍ତ କିଶୋର ଦାସ,ସହ ସମ୍ପାଦକ ସୁଶାନ୍ତ କୁମାର ସ୍ୱାଇଁ, ସଂଯୋଜକ ଅକ୍ଷୟ ଚନ୍ଦ୍ର ମିଶ୍ର ଏବଂ ସୁବର୍ଣ୍ଣ ଜୟନ୍ତୀ କମିଟିର ସଦସ୍ୟ ଗଣେଶ୍ୱର ପାତ୍ର ଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆସନ୍ତା ଫେବୃଆରୀ ମାସରେ ଆୟୋଜିତ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ କୁ ମହା ସମାରୋହରେ ପାଳନ କରିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତି ହୋଇଥିଲା । ତେବେ ଆସନ୍ତା ରବିବାର ଦିନ ଯୋଗାଯୋଗ କରାଯାଇ ଅଧିକ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଏହି ବୈଠକରେ ସିଦ୍ଧାନ୍ତ ନିଆଯାଇଥିଲା । ତେବେ ଏହି ସୁବର୍ଣ୍ଣ ଜୟନ୍ତୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଙ୍କ ସମେତ ବହୁ ପ୍ରତିଷ୍ଠିତ ପ୍ରତିଭା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ୭ମ ନାଲକୋ ପ୍ରିମିୟର୍ ଲିଗ୍ ଉଦଯାପିତ ହୋଇଯାଇଛି

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ନାଲକୋ ଷ୍ଟାଡିୟମ୍ ପରିସରରେ ଆଜି ୭ମ ନାଲକୋ ପ୍ରିମିୟର୍ ଲିଗ୍ ଉଦଯାପିତ ହୋଇଯାଇଛ।ଏହି ଟୁର୍ନାମେଣ୍ଟ ରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଲକୋ ର ସମସ୍ତ ୟୁନିୟନ ର ସଦସ୍ୟ ଯୋଗଦାନ କରିଥିଲେ। ଏହି ଟୁର୍ନାମେଣ୍ଟ ଟି ଡିସେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ବେଳ ୪ଟି ଦଳ ଭାଗ ନେଇ ଉଭୟ ଉଭୟଙ୍କ ମଧରେ ତିନୋଟି କରି ଲିଗ୍ ମ୍ୟାଚ ଖେଳି ଆଜି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନାଲକୋ ସ୍ମେଲ୍ଟର କାରଖାନାର କାଷ୍ଟ ହାଉସ, କାର୍ବୋନ ବିଭାଗ, ସିପିପି ୱାରିୟର୍ସ. ଓ ସିପିପି ଅପରେସନ ବିଭାଗ ର ୪ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଟି ବଡ ରୋମା□କ ପରିସ୍ଥିତି ସୃଷ୍ଟି ହୋଇ ଶେଷରେ କାର୍ବନ୍ ବିଭାଗ ବିଜେତା ହୋଇଥିଲା। ଅପରେସନ ବିଭାଗ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ ହରାଇ ୧୨୨ ରନ୍ ଲକ୍ଷ୍ୟ ରଖିଥିଲା କାର୍ବୋନ ବିଭାଗ ୯ ୱିକେଟ ୨୦ ଓଭର ର ଶେଷ ବଲରେ ଚାମ୍ପିୟନ ହୋଇଥିଲା। ହିମାଂଶୁ ରଞ୍ଜନ ଧିରଙ୍କୁ ମ୍ୟାନ ଅଫ ଦି ସିରିଜ୍ ବିଜେତା ଘୋଷିତ ହୋଇଥିଲେ।

## ନିଆଁ ଲିଭାଇ ବାକୁଯାଇ ମହିଳା ଙ୍କ ପୋଡ଼ି ହୋଇ ମୃତ୍ୟୁ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଝାଟିପଡା ଗ୍ରାମର ଶଂଙ୍ଖାଳି ବାରିକି ଙ୍କ ଧର୍ମପ୍ତ୍ରୀ ଜୁଲି ବାରିକି ୪୫ବର୍ଷ ଙ୍କର ମୃତ୍ୟୁ ହୋଇ ଛି। ସୂଚନା ରୁ ପ୍ରକାଶ ଗତକାଲି ଶନିବାର ରାତିରେ ଝାଟିପଡା ଗ୍ରାମକୁ ଏକ ଦନ୍ତାହାତୀ ପଶି ଆସିବା ଖବର ପାଇ ଗ୍ରାମବାସୀ ମାନେ ଗ୍ରାମ ଚାରିପାର୍ଶ୍ ନିଆଁ ଜାଳି ଥିଲେ। ସେହି ନିଆଁ ଗ୍ରାମର ଶଂଙ୍ଖାଳି ବାରିକି ଙ୍କ ଧର୍ମପ୍ତ୍ରୀ ଝୁଲି ବାରିକି ମଧ ପୋଡା ମୋବିଲି ସାହାଯ୍ୟରେ ନିଆଁ ଜାଳିଥିବା ବେଳେ ସେହି ନିଆଁ ଜୁଲି ବାରିକ ଙ୍କ ଅଜାଣତେ ଦେହରେ ଲାଗିଯାଇ ଥିଲା। ଝୁଲି ଙ୍କ ଦେହର ନିଆଁ ଲାଗିବା ସ୍ୱାମୀ ଓ ତାଙ୍କ ପୁଅ ଦେଖି ଦେହ ରୁ ନିଆଁ ଲିଭାଇ ସହଘଟଣାସ୍ଥଳ ରୁ ଜୁଲି ଙ୍କୁ ସଙ୍ଗେ ସଙ୍ଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ ।ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଡାକ୍ତର କଟକ ବଡ ମେଡିକାଲ ସ୍ଥାନାନ୍ତରିତ କରି ଥିଲେୟ କଟକ ଯିବା ରାସ୍ତା ମଧରେ ଜୁଲି ଙ୍କ ଘଟଗାଁ ଥାନା କନ୍ତଜଙ୍ଗଲ ନିକଟରେ ମୃତ୍ୟୁ ଘଟିଥିଲା । ନିୟମ ଆଧାରରେ ନିକଟତର ସ୍ୱାସ୍ଥ୍ୟ କେନ୍ଦ୍ର ଘସିପୁରା ନିଆଯାଇ ଥିଲା।

## ୧୯୮୨ ମସିହା ର ଗୌରବମୟ ମହାପୂର୍ତ୍ତୀ ଦିବସ ପାଳିତ

ଅସ୍ତରଙ୍ଗ(ମହାଭାରତ) :ବନ୍ଧୁତ ଆଗରେ ହାର ମାନିଛି ବୟସ, ବନ୍ଧୁତା ୩ ଅକ୍ଷର କୁ ନେଇ ଗୋଟେ ଶବ୍ଦ କିନ୍ତୁ ଏହି ଶବ୍ଦ ଭିତରେ ରହିଛି ଅନେକ ଭଲପାଇବା, ସ୍ନେହ ଓ ଅନ୍ତରଙ୍ଗତା, ଯାହାକୁ ଆଜି ପ୍ରତିପାଦନ କରିଛନ୍ତି ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ର ୧୯୮୨ ମସିହା ର ପୁରାତନ ଛାତ୍ରଛାତ୍ରୀ । ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଆଲୁମିନି ଆସୋସିଏସନ ତରଫରୁ ଆଜି ଗୌରବମୟ ପୂର୍ତ୍ତୀ ଦିବସ ପାଳନ କରାଯିବା ସହ ଗୋଟେ ସ୍ନେହ ଓ ମମତା ର ପରିବେଶ ସୃଷ୍ଟି କରିଛି । ଏହି କାର୍ଯ୍ୟକ୍ରମ ରେ ପୁରାତନ ୭୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ସେମାନଙ୍କ ପରିବାର ସହ ଯୋଗ ଦେଇଛନ୍ତି, ଏହି କାର୍ଯ୍ୟକ୍ରମ ରେ ଅତିଥି ରୂପେ ପୂର୍ବତନ ଶିକ୍ଷକ ପ୍ରମୋଦ ନାୟକ, ପଣ୍ଡିତ କାଳନ୍ଦୀ ଛାଟୋଇ, କାହ୍ନୁଚରଣ ବିଶ୍ୱାଳ, ରବୀନ୍ଦ୍ର ପ୍ରଧାନ ଓ ଶ୍ୟାମାକାନ୍ତ ମିଶ୍ର ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଅନୁଷ୍ଠାନିକ



ଭାବେ ପରିଚାଳିତ କରିଥିଲେ, ବନ୍ଧୁତା ଓ ପ୍ରେମ ଆଉ ବନ୍ଧୁତା କୁ ନେଇ ସ୍ୱତନ୍ତ୍ର ପରିବେଶ ଦୁନିଆ ର ଏକ ନିଷ୍ଠାପର ସମ୍ପର୍କ ର ବାସ୍ତବିକ ସତ୍ୟ ବୋଲି ଉପସ୍ଥିତ ଅତିଥି ବୃନ୍ଦ ସେମାନଙ୍କ ଅଭିଭାଷଣ ରେ ମତାମତ ଦେଇଥିଲେ, ବର୍ତ୍ତମାନ ଉଚ୍ଚବିଦ୍ୟାଳୟ ର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପରିଡା ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ପୁରୋଧା ଭାବେ ସଭାପତିତ୍ୱ କରିଥିଲେ, ଆଗାମୀ ଦିନରେ ଏହି ଆଲୁମିନି ସଙ୍ଘ ଏକ ସମାଜକଲ୍ୟାଣ ଅନୁଷ୍ଠାନ ଭାବେ ନିଜ ଅଞ୍ଚଳ ରେ ଦୁଖୀ ଦରିଦ୍ର ଙ୍କ ସେବା କରିବାକୁ ନିଷ୍ପତି ନେଇଛି, ତା ସହିତ ଏମାନଙ୍କ ସମୟ ର ଦିବଂଗତ ଶିକ୍ଷକ ଶିକ୍ଷୟତ୍ରୀ ଓ ବନ୍ଧୁ ବାନ୍ଧବୀ ମାନଙ୍କ ପାଇଁ ସ୍ମୃତିଚାରଣ କରିବା ସହ ଦୀର୍ଘ ବର୍ଷ ପରେ ଅଥବା ବୟସ ର ଅପରାହ୍ନ ରେ ନିଜ ନିଜ ପିଲା ଦିନ ର ସାଙ୍ଗ ସାଥି ସମ୍ପର୍କ ର ଭାବ ଆଦାନପ୍ରଦାନ କରାଯାଇଛି ଆଉ ଏହିଭଳି ବନ୍ଧୁତ୍ୱ କୁ ଏକ ଶ୍ରେଷ୍ଠ ବନ୍ଧୁତ୍ୱ ଦିବସ ବୋଲି ଉପସ୍ଥିତ ଅତିଥି ମାନେ ଘୋଷଣା କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ପଞ୍ଚମ ବାର୍ଷିକଉତ୍ସବ ପାଳିତ




ଅନୁଗୋଳ,(ମହାଭାରତ):ଅନୁଗୁଳ ଜିଲ୍ଲାର ବଂଅରପାଳ ବ୍ଲକ ଅନ୍ତର୍ଗତ ମରକ୍ଷତିରା ଠାରେ ପଞ୍ଚମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ ଅରୁଣ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଛେଣ୍ଡିପଦାର ବିଧାୟକ ଶ୍ରୀଯୁକ୍ତ ଅଗସ୍ତି କୁମାର ବେହେରା ଓ ସମ୍ମାନନୀୟ ଅତିଥି ଭାବେ ଜିନ୍ଦଲ ସିଏସଆର ଜେନେରାଲ ମ୍ୟାନେଜର ଶ୍ରୀଯୁକ୍ତ ଆଶୁତୋଷ ମିଶ୍ରଙ୍କ ସହ ମୁଖ୍ୟ ବକ୍ତା ଭାବେ ଶ୍ରୀଯୁକ୍ତ ପଣ୍ଡିତ ମହେଶ ସାହୁ ଯୋଗଦାନ କରିଥିଲେ । ପ୍ରକ୍ଷରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟ ପରିଚାଳନାର ସମ୍ପାଦକ ଶ୍ରୀଯୁକ୍ତ ଜୟକୃଷ୍ଣ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ହୃଦାନନ୍ଦ ପ୍ରଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଥିବା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅଗସ୍ତି ବେହେରା ନିଜ ଅଭିଭାଷଣରେ ଭାରତୀୟ ସଂସ୍କୃତି ଆଧାରିତ ଶିକ୍ଷା ପ୍ରଦାନ କରିବାରେ ଶିଶୁ ବିଦ୍ୟାମନ୍ଦିର ଅତ୍ୟନ୍ତ ଗୁରୁପୂର୍ଣ୍ଣ ବୋଲି ଜଣାଇଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିବା ପଣ୍ଡିତ ମହେଶ ସାହୁ ନିଜ ବକ୍ତବ୍ୟରେ ଶିଶୁ ମାନଙ୍କର ସାମଗ୍ରିକ ବିକାଶ ଓ ସମୁଚିତ ଶିକ୍ଷାଦାନ ହେବା ଆବଶ୍ୟକ ବୋଲି ବୁଝାଇଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିଉ ପ୍ରତିଯୋଗିତାରେ ପାରଦର୍ଶିତା ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ବିଦ୍ୟାଳୟର ଅନେକ ଛାତ୍ର ଛାତ୍ରୀ ବିଭିଉ ପ୍ରକାରର ସାଂସ୍କୃତିକ ଓ ସଙ୍ଗୀତରେ ବିଦ୍ୟାଳୟ କୁ ମନମୋହିତ କରିଥିଲେୟ ଅତ୍ୟନ୍ତ ସୁନ୍ଦର ଭାବରେ ଶିଶୁମନ୍ଦିରର କୁନି ଭାଇ ଭଉଣୀଙ୍କର ନାଚ ଗୀତରେ ହଜାର ହଜାର ଦର୍ଶକ ଶୀତକାଳୀନ ସନ୍ଧ୍ୟାରେ ଆନନ୍ଦ ସହ ଉପଭୋଗ କରିଥିଲେ । ଛାତ୍ର ଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମର ସୁରକ୍ଷା ପ୍ରଦାନ କରିବାପାଇଁ ଜରପଡ଼ା ଥାନା ଅଧିକକ୍ଷରାଣି ଶ୍ରୀମତୀ ନିର୍ମଳା ଗୋଛାୟତ ଙ୍କ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ବିଦ୍ୟାଳୟର ଉପସଭାପତି ବାବାଜୀ ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ହୃଦାନନ୍ଦ ପ୍ରଧାନ ଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟ ସଦସ୍ୟାଙ୍କ ସହ ବିଦ୍ୟାଳୟର ର ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରି ଏହି ଶିଶୁବିଦ୍ୟାମନ୍ଦିରର ପ□ମ ବାର୍ଷିକ ଉତ୍ସବ ଟିକୁ ସାଫଲ୍ୟମଣ୍ଡିତ କରିଥିଲେ ।

## ଆସିକା ବିଜେପିର ମିଶ୍ରଣ ପର୍ବ ରେ ସାମିଲ ହେଲେ ୨୮ରୁ ଉର୍ଦ୍ଧ ସରପ□ ଓ ସମିତି ସଭ୍ୟ ସଭ୍ୟା

ଆସିକା (ମହାଭାରତ): ଆସିକା ନିର୍ବାଚନ ମଣ୍ଡଳୀର ବିଭିଉ ପଞ୍ଚାୟତ ର ସରପ□ ଓ ସମିତି ସଭ୍ୟ ଆଜି ବିଧିବଦ୍ଧ ଭାବେ ଆସିକା ଟାଉନହଲ ଠାରେ ଆୟୋଜିତ ଭାରତୀୟ ଜନତା ପାର୍ଟିର ମିଶ୍ରଣ ପର୍ବରେ ଦଳରେ ନିଜକୁ ସାମିଲ କରିଛନ୍ତି । ଆସିକା ବିଧାୟକ ସରୋଜ କୁମାର ପାଢ଼ୀଙ୍କ ଉଦ୍ୟମ ଓ ବରିଷ୍ଠ ବିଜେପି ନେତା ଭଗବାନ ସାହୁଙ୍କ ନେତୃତ୍ୱରେ ଆସିକା ନିର୍ବାଚନ ମଣ୍ଡଳୀର ୨୭ ପଞ୍ଚାୟତ ଏବଂ କବିସୂର୍ଯ୍ୟନଗର ବ୍ଲକର ୧୨ପଞ୍ଚାୟତର ୨୮ ଜଣ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ଏହି ଏହି ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଛନ୍ତି। ଆଜି ଏକ ବିରାଟ ପଟୁଆର ଶୋଭାଯାତ୍ରା ଓ ନାନା ପ୍ରକାରର ବାଦ୍ୟ ବାଜଣାରେ ଆସିକା ତଥା କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ପ୍ରାୟ ଦୁଇ ହଜାର ରୁ ଉର୍ଦ୍ଧ ଲୋକ ଆସିକା ବିଜୁ ପଟ୍ଟନାୟକ ଛକ ଠାରୁ ବାହାରି ଆସିକା ଟାଉନ ହଲ ପଡିଆ ଠାରେ ପହଞ୍ଚି ଥିଲେ।ଏହିଠାରେ ଏକ ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଉକ୍ତ ମିଶ୍ରଣ ପର୍ବରେ ଆସିକା ନିର୍ବାଚନ ମଣ୍ଡଳୀର ୮ଜଣ ସରପ□ ଯଥା ମୁନିଗାଡ଼ି,ବାଙ୍ଗରଡ଼ା, ବାଲିଶିରା,ପାଣ୍ଡିଆପଥର,ଭେଟନଇ,କାଳ ଖଣ୍ଡପୁର,ଖାରିଆ ସରପଞ୍ଚ ଜୟନ୍ତୀ ସାହୁ ଓ ଆଳିପୁର ସରପ□ ସେହିଭଳି ୬ଜଣ ସମିତି ସଭ୍ୟ ଯଥା ମୁନିଗାଡ଼ି, ବାଲିଛାଇ, ସିଦ୍ଧନଇ,ବାବନପୁର,ଭେଟନଇ ସମିତି ସଭ୍ୟା ତଥା ଆସିକା ବ୍ଲକ ଉପାଧକ୍ଷା ସେହିଭଳି ଆସିକା ନିର୍ବାଚନ ମଣ୍ଡଳୀ କବିସୂର୍ଯ୍ୟନଗର ବ୍ଲକ ୯ଜଣ ସରପଞ୍ଚ ଯଥା କନିଆଁରୀ, ବରିଡା, ବୋରସିଙ୍ଗି, ସୁବୁଲିଆ, ପାଇକଯମୁନା, ସୁନାପଲ୍ଲୀ,ଶିଆଳିଆ, ନନ୍ଦିଆ ଗଡା, ବୋଲସର ସରପଞ୍ଚ ସେଭଳି ୭ଜଣ ସମିତି ସଭ୍ୟ ଯଥା ବୋଲସର, କନିଆରୀ, ପାଇକଯମୁନାଓ ସୁନାପଲ୍ଲୀ ଆଦି ପଞ୍ଚାୟତ ର ସମିତି ସଭ୍ୟ,ସମିତି ସଭ୍ୟା ଓ ସରପ□ ମାନଙ୍କୁ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ବିଜେପି ଟୋପି ଓ ଦଳୀୟ ଉତ୍ତରୀୟ ଦେଇ ନିଜ ଦଳରେ ସାମିଲ କରିଛନ୍ତ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ୧୯୮୨ ଓ ୧୯୮୪ ବ୍ୟାଚର ସିଟି ମେଟ ଙ୍କ ବନ୍ଧୁମିଳନ

ଖଡ଼ିଆଲ(ନିପ୍ର) ୧୯୮୨ ରୁ ୧୯୮୪ ଦୁଇ ବର୍ଷ ପର୍ଯ୍ୟନ୍ତ ନୂଆପଡ଼ା ସିଟି ସ୍କୁଲ ରେ ଶିକ୍ଷକ ତାଲିମ ନେଇଥିବା ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ଶିକ୍ଷକ ମାନଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ନୂଆପଡା ଜିଲ୍ଲା ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତିଖାଲି ଡ୍ୟାମ ଠାରେ ଅନୁଷ୍ଠିତ ହୋଇଯାଇଅଛି। ସେହି ସମୟରେ ଷାଠିଏ ଜଣ ଶିକ୍ଷକ ତାଲିମ ନେଇଥିବା ବେଳେ ବାର ଜଣଙ୍କ ଦେହାନ୍ତ ହୋଇଯାଇଛି। ଅନ୍ୟ ୪୮ ଜଣଙ୍କ ସମେତ ୧୧୦ ଜଣ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ସମସ୍ତେ ଆସିଥିବା ବେଳେ ଏତେ ବର୍ଷ ପରେ ଭେଟଘାଟ ହୋଇ ଥିବାରୁ ସମସ୍ତଙ୍କ ଖୁସିର ସୀମା ରହି ନଥିଲା। ସେହି ସମୟରେ ତାଲିମ ପ୍ରଦାନ କରିଥିବା ଦୁଇ ଜଣ ତାଲିମ ଦାତା ଗୁରୁ ହରେରାମ କଠାର ଓ ଗୁରୁ ସଚ୍ଚିଦାନନ୍ଦ ପଟେଲଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁ ଦ୍ୱୟ ମଧ ଏତେ ବର୍ଷ ପରେ ଭେଟିଥିବା ସମସ୍ତ ଶିକ୍ଷକ ଛାତ୍ର ଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରି ଏପରି ବନ୍ଧୁ ମିଳନ ସବୁଦିନ ମନେ ରହିବ ବୋଲି କହିଥିଲେ। ସମସ୍ତ ବନ୍ଧୁ ବାନ୍ଧବ ପୁରୁଣା ସ୍ମୃତି ମନେ ପକାଇବା ସହ ବର୍ତ୍ତମାନ ସେମାନଙ୍କ ଜୀବନ ଯାତ୍ରା ବିଷୟରେ ସୂଚନା ଦେଇଥିଲେ। ଏହି ସମ୍ପର୍କ ସେମାନେ ବ□ଥିବା ପର୍ଯ୍ୟନ୍ତ ରଖିବେ ଓ ସେମାନଙ୍କ ପରିବାର ଲୋକଙ୍କ ଭିତରେ ମଧ ବଜାୟ ରଖିବେ ବୋଲି କଥା ଦେଇଥିଲେ।ଏ ଅବସରରେ ଦିବଂଗତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ବିୟୋଗରେ ଦୁଇ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା। କବିତା ପାଠ, ଗୀତ, ନୃତ୍ୟ କରି ସମସ୍ତେ ବନ୍ଧୁ ମିଳନର ମଜା ନେଇଥିଲେ।ଆଶିଷ ପାଢ଼ୀ, ବ୍ରଜ ମିଶ୍ର, ସର୍ଗୀ ବାଗ, ଶରତ ସାହୁ, ରେଖା ବହିଦାର, ସୁଶୀଳା ବାଇ ପ୍ରମୁଖ କାର୍ଯ୍ୟକ୍ରମର ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ନେଟୱର୍କ ଅଚଳ ଯୋଗୁଁ ହନ୍ତସନ୍ତ କ୍ରାଣ୍ଡିବାଲି ପଞ୍ଚାୟତ ବାସୀ

## ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ଚୁପ୍ ରହିଛି ପ୍ରସାଶନ




କନ୍ଧମାଳ:(ମହାଭାରତ୍ୟ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ କ୍ରାଣ୍ଡିବାଲି ପଞ୍ଚାୟତରେ ଦେଖିବାକୁ ମିଳିଛି ଜନ ଆକ୍ରୋଶ। ପଞ୍ଚାୟତ କାର୍ଯ୍ୟାଳୟ ଥିବା ବି.ଏସ.ଏନ.ଏଲ ନେଟୱର୍କ ମରାମତି ପାଇଁ ର୍ଦିଘଦିନଧରି ଅଭିଯୋଗ କରି ଆସୁଥିଲେ ମଧ ସ୍ଥାନୀୟ ପ୍ରଶାସନ ଏବଂ ବି.ଏସ.ଏନ.ଏଲ କର୍ତ୍ତୃପକ୍ଷ କେବଳ ପ୍ରତିଶୃତି ଦେଇ ଚାଲିଛନ୍ତି । ସମସ୍ୟାର ସମାଧାନ କରିବାରେ ସ୍ଥାନୀୟ ପ୍ରସାଶନ ଫେଲ ମାରିଛି। ଯାହାଫଳରେ ଅଞ୍ଚଳର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ନେଟୱର୍କ ମରାମତି ପାଇଁ ବାରମ୍ବାର ସ୍ଥାନୀୟ ଗୋଷ୍ଠୀ ଉଉୟନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ପଞ୍ଚାୟତ ବାସୀ ପରିଶେଷରେ ବାଧ ହୋଇ ଡିସେମ୍ବର ୯ ତାରିଖରେ ରାସ୍ତା ରୋକ କରି ଗଣଧାରଣା ଦେଇ ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଥିବା ଦେଖିବାକୁ ମିଳିଥିଲା। ଗଣଧାରଣା ସ୍ଥାନକୁ ସ୍ଥାନୀୟ ତହସିଲଦାର ଅନାମିକା ପାଣ୍ଡେ ଏବଂ ବି.ଏସ.ଏନ.ଏଲ କର୍ତ୍ତୃପକ୍ଷ ଯାଇ ର୍ଦିଘ ୧୦ ଘଣ୍ଟା ଧରି ଲୋକ ମାନଙ୍କୁ ବୁଝାସୁଝା କରି ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାବେଳ ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ପାରି ନାହିଁ।ଆଜକୁ ର୍ଦିଘ ୧ ମାସ ବିତିଯାଇଥିଲେ ସତ୍ୱେ ପ୍ରସାଶନ ନିରବତା ଯୋଗୁଁ ନିରିହ ଜନତା ନେଟୱର୍କ ସମସ୍ୟାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଚାଲିଛନ୍ତି । ସ୍ଥାନୀୟ ପ୍ରଶାସନଙ୍କ ଅବହେଳିତ ଯୋଗୁଁ କ୍ରାଣ୍ଡିବାଲି ପଞ୍ଚାୟତ ବାସୀ ନେଟୱର୍କ ସେବାରୁ ବଞ୍ଚିତ ହେଉଥିବାରୁ ଅଞ୍ଚଳରବାସୀ ମନରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନିକ ନିରବତାରେ ରୁଷ୍ଟ ହୋଇ ଅସନ୍ତୋଷ ହେବା ସମେତ ଆଉ ସାତ ଦିନ ମଧ୍ୟରେ ଯଦି ପ୍ରସାଶନ ଏବଂ ବି ଏସ ଏନ୍ ଏଲ କର୍ତ୍ତୃପକ୍ଷ ଏହି ଘଟଣା ପ୍ରତି ଗୁରୁତ୍ୱାରୋପ ନ ଦିଅନ୍ତି ତାହେଲେ ଆଗାମୀ ଦିନରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଦେବା ସମେତ ଅର୍ନିଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ ରାସ୍ତାରେ ଗଣଧାରଣା ଦେବାପାଇଁ ସ୍ଥାନୀୟ ପ୍ରସାଶନକୁ ଗଣମାଧ୍ୟମ ଜରିଆରେ ଚେତାବନୀ ଦେଇଛନ୍ତି ପଞ୍ଚାୟତ ବାସୀ।

## ବସୋଇ ଗାଁ ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କଲା ପରଜଙ୍ଗ ପୋଲିସୟ ନୃଶଂସ ହତ୍ୟାକାଣ୍ଡକୁ ନେଇ ଏସପିଙ୍କ ପ୍ରେସମିଟ

ପରଜଙ୍ଗ ( ମହାଭାରତ)ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବସୋଇ ଗାଁରେ ନୂଆବର୍ଷ ଦିନ ବହୁ ଚର୍ଚ୍ଚିତ ବିଭତ୍ସ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପରଜଙ୍ଗ ପୋଲିସ। ଲୋମ ଟାଙ୍ଗୁରା ବିଭତ୍ସ ହତ୍ୟାକାଣ୍ଡକୁ ନେଇ ଢେଙ୍କାନାଳ ଏସପି ଅଭିନବ ସୋନକରଙ୍କ ପ୍ରେସମିଟ ମାଧ୍ୟମରେ ସମ୍ପୂର୍ଣ୍ଣ ହତ୍ୟାକାଣ୍ଡର କରିଥିଲେ ଖୁଲାସା। ନୂଆ ବର୍ଷର ପ୍ରଥମ ଦିନ ମଧାହ୍ନ ୧୨ ଟା ସମୟରେ ରକ୍ତ ରଞ୍ଜିତ ହୋଇଥିଲା ବସୋଇ ଗାଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବସୋଇ ଗାଁର ସରୋଜ ବିଶ୍ୱାଳ ଓରଫ ମକୁ ସେହି ଗାଁର ରାକେଶ ସେଠିଙ୍କୁ ନୃଶଂସ ଭାବେ ହତ୍ୟା କରିଥିଲେ ।ତେବେ ମକୁ ପ୍ରଥମେ ଏକ ବାଉଁଶ ଠେଙ୍ଗାରେ ରାକେଶକୁ




ଆକ୍ରମଣ କରିବା ସହ ଲଙ୍ଗଳ ଲୁହାରେ ମୁଣ୍ଡକୁ ଛେଚି ହତ୍ୟା କରିଥିଲା। ପରେ ଏକ ଟାଙ୍ଗିଆରେ ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି ଗାଁ ଦାଣ୍ଡରେ ଫୋପାଡ଼ି ଥିଲା ଅଭିଯୁକ୍ତ ମକୁ ।ଯତେବେ ସବୁଠାରୁ ହୃଦୟ ବିଦାରକ ଥିଲା ଗାଁ ପଣା ଖୁଣ୍ଟରେ ବଳି ଦେବାର ଦୃଶ୍ୟ।ୟ ଏହାକୁ ନେଇ ଅଭିଯୁକ୍ତକୁ ଧରିବା ପାଇଁ ପୋଲିସକୁ ବଡ଼ ଚ୍ୟାଲେଞ୍ଜ ହୋଇଥିଲା। ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାଶଙ୍କ ନେତୃତ୍ୱରେ ୩ଟି ଟିମ ଗଠନ କରି ଅଭିଯୁକ୍ତକୁ ଧରିବା ପାଇଁ ଲାଗି ପଡ଼ିଥିଲେ। ଆଉ ଶେଷରେ ଧରା ହେଲା ଅଭିଯୁକ୍ତ ମକୁ।ୟ ଆଉ ଗତକାଲି ମକୁକୁ ନେଇ ପୋଲିସ ସିନ ରିକ୍ରିଏସନ କରିବା ସହ ଆଜି ଢେଙ୍କାନାଳ ଏସପି ଏହାକୁ ନେଇ ପ୍ରେସମିଟ କରିଥିଲେ। ପ୍ରେସମିଟରେ କାମାକ୍ଷାନଗର ଏସଡ଼ିପିଓ ଜ୍ଞାନରଞ୍ଜନ ମିଶ୍ର, ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାସ ଉପସ୍ଥିତ ଥିଲେ।ୟତେବେ ଆସାମୀ ଗିରଫ ହେବା ପରେ ପରଜଙ୍ଗ ଥାନା କେସ ନଂ ୦୧ ତାରିଖ ୦୧/୦୨/୨୦୨୫ ଟା/ସ୍ୱ-୧୦୩(୨) /୧୧୫(୨)୩୫୧(୩) ଈଘଝ ଜା/ଡ ସେକ୍ସନ ୩(୨)(୦) ତଥା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ( ଅତ୍ୟାଚାର ନିବାରଣ) ସଂଶୋଧନ ଅଧିନିୟମ ୨୦୧୫ ଅନୁସାରେ କାର୍ଯ୍ୟ କରାଯାଇଛି।

## ସେତୁ ନିର୍ମାଣ ବିଳମ୍ବକୁ ନେଇ ୪ଦିନ ଆମରଣ ଅନଶନ, ଜିଲ୍ଲାପାଳଙ୍କ ଲିଖିତ ପ୍ରତିଶ୍ରୁତି ପାଇଁ ଅପେକ୍ଷାରେ ଅଞ୍ଚଳବାସୀ

ନୂଆଗାଁ (ମହାଭାରତ) : ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ ସୋରଡା ଠାରୁ ଜଗଉାଥ ପ୍ରସାଦ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ବେଲପା ନାଳ ଉପରେ ନିର୍ମାଣ ଚାଲିଥିବା ସେତୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ଦୀର୍ଘ ୪ବର୍ଷ ଧରି ରହିଛି। ଠିକାଦାର ଓ ବିଭାଗୀୟ କାର୍ଯ୍ୟ ଅଧିକ୍ଷଣ ଯନ୍ତ୍ରୀଙ୍କ ସହ ରହିଛି କି ମଧୁ ଚନ୍ଦ୍ରିକା ଯେଉଁଥି ପାଇଁ ମନଇଚ୍ଛା କାମ କରୁଛି। ପ୍ରତ୍ୟେକ ଦିନ ଏହି ରାସ୍ତାରେ ୧୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ଯିବାଆସିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁକୁ ଆସି ପାରୁନାହିଁ ଆମ୍ବୁଲାନ୍ସ ଗାଡ଼ି। ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲେ ଚିକିତ୍ସା ପାଇଁ ରୋଗୀ ପହଞ୍ଚି ପାରୁନାହାନ୍ତି ଜଗଉାଥପ୍ରସାଦ ଡାକ୍ତରଖାନାକୁ । ବର୍ଷାଦିନ ନଦୀରେ ଭରା ପାଣିରେ ପାର ହୋଇ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ସ୍କୁଲ ଓ କଲେଜ ଯାଆସ କରନ୍ତି। ପୂର୍ବରୁ ଜିଲ୍ଲା ପ୍ରଶାସନଙ୍କ ଠାରୁ ବିଭାଗୀୟ କାର୍ଯ୍ୟ ଅଧିକ୍ଷଣ ଯନ୍ତ୍ରୀ ଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସମସ୍ତ କାଗଜ ପତ୍ର ନାଲି ଫିତା ତଳେ ଚାପିହୋଇ ରହିଯାଉଛି ଏଥି ସହିତ ଅନେକ ଥର ଖୋର୍ଦ୍ଧା ଓ ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥରେ ଦୁଇ ରୁ ତିନିଥର ଛାତ୍ରଛାତ୍ରୀ ଓ ଅଭିଭାବକ ଏବଂ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଘଟଣାସ୍ଥଳରେ ଜିଲ୍ଲା ପ୍ରଶାସନଙ୍କ ଠାରୁ ବିଭାଗୀୟ କାର୍ଯ୍ୟ ଅଧିକ୍ଷଣ ଯନ୍ତ୍ରୀ ଆସି ବୁଝାସୁଝା କରିବା ସହ ଯଥା ଶୀଘ୍ର ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ତାହା କୌଣସି ସୁଫଳ ହୋଇନାହିଁ।ୟଦୁର୍ଭାଗ୍ୟର ବିଷୟ ଏହି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ଏନ୍ ଏଚ ୫୭ ନମ୍ବର ଜାତୀୟ ରାଜପଥ ସୋରଡ଼ା ଛକ ଠାରୁ ଗୌଡ଼ ଗ□ରାପଲ୍ଲୀ ପର୍ଯ୍ୟନ୍ତ ୩ କୋଟି ୭୪ ଲକ୍ଷ ରୁ ଉର୍ଦ୍ଧ୍ୱ ଅଟକଳ ପରିମାଣରେ ତା ୨୫।୧୧।୨୦୨୧ ରେ କାର୍ଯ୍ୟ ଆରମ୍ଭ ହୋଇ ତା ୨୪।୮।୨୦୨୨ ରେ ଶେଷ କରିବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ ଠିକା ସଂସ୍ଥା ମନମୁଖୀ କାର୍ଯ୍ୟ ଯୋଗୁଁ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରୁ ନାହିଁ ଏହି ସେତୁ ଏବଂ ରାସ୍ତା



ନିର୍ମାଣ କାର୍ଯ୍ୟ ଯାହା ଫଳରେ ଅଞ୍ଚଳବାସୀ ଭୋଗୁଛନ୍ତି ଦୁର୍ଦ୍ଦଶା।ୟଏହାର ପ୍ରତିବାଦରେ ସ୍ଥାନୀୟ ସରପଞ୍ଚ□ ଫକୀର ମୋହନ ସାହୁ,ସମିତି ସଭ୍ୟ ସୁଶାନ୍ତ ସାହୁ ସମେତ ସ୍ଥାନୀୟ ଅଞ୍ଚଳବସୀ ନିର୍ମାଣଧିନ ସେତୁ ନିକଟରେ ୪ଦିନ ହେଲା ଆମରଣ ଅନଶନରେ ବସିଛନ୍ତି।ଖବର ପାଇ ଗୁରୁବାର ଦିନ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ନୟାଗଡ଼ ରୁ ବିଭାଗୀୟ କାର୍ଯ୍ୟ ଅଧିକ୍ଷଣ ଯନ୍ତ୍ରୀ ଏବଂ ନୂଆଗାଁ ଥାନା ଅଧିକାରୀ ଶରତ ଚନ୍ଦ୍ର ସେଠୀ ଘଟଣାସ୍ଥଳରେ ପହ□ ବୁଝାସୁଝା କରିବା ସହ ଚଳିତ ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଧା ଉଭୟ ପାର୍ଶ୍ୱରେ ଥିବା ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବରୁ ପ୍ରତିଶ୍ରୁତି ଓ ଭରସା କୌଣସି ଫଳପ୍ରଦ ହୋଇନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ତୃତୀୟ ଦିନରେ ମାନ୍ୟବର ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପହଞ୍ଚି ସମସ୍ୟା ଉପରେ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଠିକାଦାରଙ୍କୁ ଯଥା ଶୀଘ୍ର କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସରପ□ ସମେତ ଅଞ୍ଚଳବାସୀଙ୍କ ଜିଦ୍ ନୟାଗଡ଼ ଜିଲ୍ଲାପାଳ ଆସି କାର୍ଯ୍ୟ ତଦାରଖ କରିବା ସହ କେବେ ସୁଧା ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହେବ ଏହାର ଏକ ଲିଖିତ ପ୍ରତିଶ୍ରୁତି ଦେଲେ ଧାରଣା ରୁ ଉଠିବୁ, ଯେ ପର୍ଯ୍ୟନ୍ତ ଜିଲ୍ଲାପାଳ ଆସି ଆମ ଦୁଃଖ ବୁଝି ନାହାନ୍ତି ସେ ପର୍ଯ୍ୟନ୍ତ ଅର୍ନିଦ୍ଦିଷ୍ଟ କାଳ ଆମରଣ ଅନଶନରେ ବସିବୁ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

## ଘରୋଇ ଗ୍ୟାସ ସିଲିଣ୍ଡରକୁ ବ୍ୟବସାୟ ପ୍ରତିଷ୍ଠାନରେ ବହୁଳ ବ୍ୟବହାର, ଯୋଗାଣ ବିଭାଗ ସବୁଜାଣି କାର୍ଯ୍ୟାନୁଷ୍ଠାନ ଶୁନ୍

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଘରେ ବ୍ୟବହାର ହେଉଥିବା ଘରୋଇ ଗ୍ୟାସ ସିଲିଣ୍ଡର ଗୁଡିକ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ବହୁଳ ଭାବେ ବ୍ୟବହାର ହେଉଛି। ସହରରେ ଚାହା ଦୋକାନ ଠାରୁ ଆରମ୍ଭ କରି ହୋଟେଲ, ଫାଷ୍ଟ ଫୁଡ, ରେଷ୍ଟୁରେ□ ଟିଫିନ ଦୋକାନ ଗୁଡିକରେ କମର୍ସିଆଲ ଗ୍ୟାସ ସିଲିଣ୍ଡର ବଦଳରେ ଘରୋଇ ଗ୍ୟାସ ସିଲିଣ୍ଡର ବହୁଳ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି ।କମର୍ସିଆଲ ସିଲିଣ୍ଡର ବଦଳରେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଏହି ବ୍ୟବସାୟ ପ୍ରତିଷ୍ଠାନ ଗୁଡିକୁ ସହଯୋଗ କରୁଛନ୍ତି ଗ୍ୟାସ ବିତରକ କେନ୍ଦ୍ର ମାନେ ବୋଲି ଅଭିଯୋଗ ହେଉଛି। ଓଜନ ଚେକ ନ କରିବା,ଗ୍ୟାସ ଗୋଦାମ ଗୁଡିକରେ ଚେକ ନ କରିବା,ଘରୋଇ ସିଲିଣ୍ଡର ଘରକୁ ପହଞ୍ଚାଇ ଅଧିକା ଚାର୍ଜ ନେବା, ସିଲିଣ୍ଡରର କଳାବଜାରୀ ହେଉଥିବା ଅଭିଯୋଗ ହେଉଛି ।ଯୋଗାଣ ବିଭାଗ ସବୁଜାଣି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ପ୍ରକାଶ ଥାଉକି ସହରର ପ୍ରତ୍ୟେକ ହୋଟେଲ ଓ ରେଷ୍ଟୁରେ□ ରେ କମର୍ସିଆଲ ସିଲିଣ୍ଡର ଥାଏ କିନ୍ତୁ ତାହା ବ୍ୟବହାର ନ କରି ଘରୋଇ ସିଲିଣ୍ଡର ବ୍ୟବହାର ହେଉଥାଏ ।ଯାଞ୍ଚ ସମୟରେ କମର୍ସିଆଲ ସିଲିଣ୍ଡର ଅଧିକାରୀଙ୍କୁ ଦେଖାଇବା ପାଇଁ ଥାଏ।

## ମା ଗଢ଼େଇ କ୍ଲବର କ୍ରିକେଟ ଟୁର୍ଣ୍ଣାମେଣ୍ଟରତୃତୀୟ ଲିଗ ମ୍ୟାଚ,ଭିଁକୁଡ଼ିଆ କ୍ୟାଟର ଫାଇନାଲରେ

ବେଗୁନିଆ,୫/୧୨(ମହାଭାରତ): ବେଗୁନିଆ ବ୍ଲକ ସିମୋର ଗ୍ରାମର ମା ଗଢ଼େଇ କ୍ଲବର କ୍ରିକେଟ ଟୁର୍ଣ୍ଣାମେ□ର ତୃତୀୟ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଭିଁକୁଡିଆ କ୍ରିକେଟ ଦଳ ଓ ଢ଼ୁଅଁସର କ୍ରିକେଟ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଛି। ପ୍ରଥମେ ଢ଼ଁସର ଦଳ ଟସ ଜିତି ବ୍ୟାଟିଂ କରି ୧୯ ଓଭରରେ ୬ ୱିକେଟ୍ ହରାଇ ୯୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଭିଁକୁଡିଆ ଦଳ ୯.୪ ଓଭରରେ ୪ ୱିକେଟ ହରାଇ ୯୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଭିଁକୁଡିଆ ଦଳର ବିଶ୍ୱଜିତ ଛୁଆଳସିଂହ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ସମାଜପ୍ରେମୀ ଚିତ ରଞ୍ଜନ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ପ୍ରଦାନ କରିଥିଲେ। ଖେଳକୁ ଅମ୍ପାୟର ଦାଶରଥି ପ୍ରଧାନ ଓ ନରେଶ କୁମାର ଜେନା ପରିଚାଳନା କରିଥିବା ପ୍ରକାଶ ମାର୍ଥା, ମିହିର ରଂଜନ ମହାପାତ୍ର ଓ ପ୍ରଭାତ କୁଣ୍ଡୁ ଧାରା ବିବରଣୀ ପ୍ରଦାନ କରିଥିଲେ । ସ୍କୋରର ଭାବେ ଦେବାଶିଷ ଜେନା ଓ ମୃତ୍ୟୁଞ୍ଜୟ ଭୋଳ ଦାୟିତ୍ୱ ନିର୍ବାହ କରିଥିଲେ ।

## ଗୁରୁ ନୃସିଂହ ଚରଣ ପାଢ଼ୀ ହେଉଛନ୍ତି ଜଣେ ପ୍ରସିଦ୍ଧ ସଙ୍ଗୀତ ସାଧକ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ କବିଚନ୍ଦ୍ର ସାହିରେ ରୁହନ୍ତି ଗୁରୁ ନୃସିଂହ ଚରଣ ପାଢ଼ୀ ଭଗବାନ ସମସ୍ତଙ୍କ ଭାଗ୍ୟ ଲେଖନ୍ତି,କିନ୍ତୁ ଏଠାରେ ଗୁରୁ ନୃସିଂହ ଚରଣ ପାଢ଼ୀ ନିଜେ ନିଜର ଭାଗ୍ୟ ଲେଖିଛନ୍ତି ।ସେ ଜନ୍ମରୁ ଦୃଷ୍ଟିହୀନ ହୋଇ ମଧ ସେ ନିଜକୁ କେବେ ହେଲେ ଦୁର୍ବଳ ମନେ କରି ନାହାଁନ୍ତି। ଶ୍ରୀଯୁକ୍ତ ପାଢ଼ୀ ଛୋଟରୁ ସଙ୍ଗୀତରେ ରୁଚି,ଆଗ୍ରହ ଓ ଶ୍ରଦ୍ଧା ରଖିଥିଲେ ।ହେଲେ ସଙ୍ଗୀତ ଜଗତରେ ସେ ନିଜର ଜୀବନ ପ୍ରଥମେ ୧୯୮୧ ମସିହାରୁ ଆରମ୍ଭ କଲେ ହାରମୋନିୟମ ଭଗାଲ ଶିକ୍ଷା ପାଇବା ପରେ କର୍ଣ୍ଣାଟକ ସଙ୍ଗୀତ ଶିକ୍ଷା କଲେ। କିଛି ବର୍ଷ ପରେ ସେ ଓଡିଶୀ ସଙ୍ଗୀତ ଶିକ୍ଷା କରି ଅନ୍ୟମାନଙ୍କୁ ସଙ୍ଗୀତ, ହାରମୋନିୟମ ମଧ ଶିକ୍ଷା ଦେଉଛନ୍ତି।ୟ ତାଙ୍କର ଗଜପତି କଳା ପରିଷଦ ଅନୁଷ୍ଠାନ ରହିଛି ।ବର୍ତ୍ତମାନ ଗଜପତି କଳା ପରିଷଦ ଅନୁଷ୍ଠାନର କିଛି ଛାତ୍ର ଛାତ୍ରୀ ତାଙ୍କ ଠାରୁ ସଙ୍ଗୀତ ଶିକ୍ଷା କରୁଛନ୍ତି। ଜିଲ୍ଲା ଓ ଜିଲ୍ଲା ବାହାରେ ରାଜ୍ୟ ସ୍ତରରେ ମଧ ନିଜର ସଙ୍ଗୀତ ପଦର୍ଶନ କରି କୃତିତ୍ୱ ଲାଭ କରିଛନ୍ତି। ସେ ଜଣେ ଦୃଷ୍ଟିରେ ଅକ୍ଷମ ହୋଇ ମଧ ନିଜେ ସକ୍ଷମ ହୋଇଛନ୍ତି।ୟସେ ସଙ୍ଗୀତ ଦ୍ୱାରା ନିଜର ପରିଚୟ କରିପାରିଛନ୍ତି।

## ଭୀମକୁଣ୍ଡରେ ଗାଧେଇବା ବେଳେ ଦୁଇ ପର୍ଯ୍ୟଟକ ଭାସି ଜାଇ ଅଳ୍ପକେ ବର୍ତ୍ତିଲେ



କରଞ୍ଜିଆ,(ମହାଭାରତ)ମୟୂରଭଞ୍ଜା ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ବୋରିଂ ଠାରେ ଥିବା ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡ କୁ ରବିବାର ବଣ ଭୋଜି ପାଇଁ ଭଦ୍ରକ ଜିଲ୍ଲା ଚାନ୍ଦବାଲି ରୁ ସାଙ୍ଗ ମାନଙ୍କ ସହିତ ବଣଭୋଜି ପାଇଁ ଆସି ଥିଲେ। ତେବେ ଗାଧେଇବା ପାଇଁ ବୈତରଣୀ ନଦୀ ର ସାନ ଭୀମକୁଣ୍ଡ ଉପରେ ଗାଧଉ ଥିବା ସମୟରେ ମଝି ନଦୀକୁ ପହଁରି ଜାଇ ଥିଲେ ବିବେକ ସେଠୀ ନାମକ ଏକ ଯୁବକ ସାଙ୍ଗ ଭାସି ଯାଉଥିବା ଦେଖି ତନ୍ମୟ ନାୟକ ଉଧାର ପାଇଁ ଯାଇ ଥିଲେ ସେ ମଧ ପାଣି ସ୍ରୋତରେ ଭାସି ଯାଉଥିବା ଦେଖି ସ୍ଥାନୀୟ ଲୋକ ଓ କିଛି ପର୍ଯ୍ୟଟକଙ୍କ ସହଯୋଗ ରେ ଉଭୟ ଙ୍କୁ ଉଦ୍ଧାର କରିଥିଲେ । ବଡଧରଣର ବିପଦ ରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ଦୁହେଁ। ତେବେ ତନ୍ମୟଙ୍କୁ ସାଙ୍ଗ କୁ ଉଦ୍ଧାର କରିବା ସମୟରେ ଅଳ୍ପ ଆଘାତ ଲାଗିଥିଲା ବେଳେ ରକ୍ଷା ପାଇ ଯାଇଥିବା ଯୁବକ ଜଣଙ୍କୁ ଉଦ୍ଧାର କରି ସାଙ୍ଗ ମାନେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।ୟ ପ୍ରାଥମିକ ଚିକିତ୍ସା ପରେ ନିଜ ଘରକୁ ଚାଲିଯାଇଥିଲେ। ଭୀମକୁଣ୍ଡ ସାନ କୁଣ୍ଡ ଠାରୁ ୫୦ ମିଟର ଦୂର ରେ ସାଙ୍ଗ ମାନଙ୍କ ସହିତ ଗାଧଉ ଥିଲେ ବିବେକ। ସୂଚନା ଥାଉ କି ନଭେମ୍ବର ମାସ ଠାରୁ ଜାନୁୟାରୀ ମାସ ପର୍ଯ୍ୟନ୍ତ ପର୍ଯ୍ୟଟନ ଋତୁ ରେ ଭୀମକୁଣ୍ଡକୁ ପର୍ଯ୍ୟଟକ ଙ୍କ ସୁଅ ଛୁଟିଥାଏ। ଭୀମକୁଣ୍ଡ ବୁଲିବାକୁ ଆସି ଅନେକ ସମୟରେ ଭୀମକୁଣ୍ଡରେ ଭାସି ଯାଇ ଅନେକ ଙ୍କ ଜୀବନ ଯାଇଥିବା ର ନଜିର ଅଛି।ୟ ଦୁର୍ଘଟଣା କୁ ନଜର କରି ସାନ କୁଣ୍ଡରେ ଏକ ଜାଲ ଦିଆଯାଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ଭୀମକୁଣ୍ଡ ରେ ସତର୍କ ସୂଚନା ଲଗାଯିବା ସହ ଛୁଟିଦିନ ମାନଙ୍କରେ ପର୍ଯ୍ୟଟକମାନଙ୍କ ସଚେତନତା ପାଇଁ ସାଧାରଣ ରେ ଦାବୀ ହେଉଛି। ତେବେ ବନ ସୁରକ୍ଷା ସମିତି ଦ୍ୱାରା ପର୍ଯ୍ୟଟକ ଙ୍କ ଠାରୁ ଗାଡି ଏବଂ ଭୋଜି ବାବଦ କୁ ଟଙ୍କା ଉଠାଯାଇଥିଲା ବେଳେ ତାଙ୍କୁ କୌଣସି ସୁରକ୍ଷା ଦିଆଯାଉନାହିଁ । ଘଟଣା ଘଟି ଥିବା ସ୍ଥାନ ରେ ଠାକୁରମୁଣ୍ଡା ପୋଲସି କିମ୍ବା ବନ ସୁରକ୍ଷା ସମିତି ର କୌଣସି ପିଲା ପର୍ଯ୍ୟଟକ ବାରଣ ପାଇଁ ନ ଥିବାରୁ ଏପରି ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହୁଛନ୍ତି ।ବଡ଼ କୁଣ୍ଡ ର ସୁରକ୍ଷା ବାଡ ଭାଙ୍ଗି ଥିବା ବେଳେ ତାକୁ ମରାମତି କରାଯାଇନାହିଁ ।

## ଭୀମ ଭୋଇ ଭିଉକ୍ଷମ ସାମର୍ଥ୍ୟ ଶିବିର ନିମନ୍ତେ ପ୍ରସ୍ତୁତି ବୈଠକ



ବଡଚଣା (ମହାଭାରତ)ଯାଜପୁର ଜିଲ୍ଲାରେ ଭୀମ ଭୋଇ ଭିଉକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଜିଲ୍ଲାପାଳ ପି. ଅନେ୍ୱଷା ରେଡ୍ଡୀ ଅଧକ୍ଷତା କରି କହିଲେ ଯେ ବ୍ଲକ୍ ଗୁଡ଼ିକରେ ପ୍ରଥମେ ପୂର୍ବ ପ୍ରସ୍ତୁତି ବୈଠକ କରାଯିବ। ଧାର୍ଯ୍ୟ ତାରିଖ ପୂର୍ବରୁ ବହୁ ମାତ୍ରାରେ ପ୍ରଚାର ପ୍ରସାର କରି ସମସ୍ତ ହିତାଧିକାରୀଙ୍କୁ ସଠିକ୍ ଅବଗତ କରାଇବା। ସମସ୍ତ କ୍ୟାମ୍ପ ଗୁଡ଼ିକ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ହିତାଧିକାରୀ ଯେପରି ସୁବିଧାରେ ନିଜର ଆବଶ୍ୟକତା ଅନୁଯାୟୀ ଉପଲବ୍ଧ ସୁବିଧା ଗୁଡ଼ିକ ପାଇପାରିବେ ସେଥିପ୍ରତି ଧ୍ୟାନ ଦେବା ଉପରେ ସୂଚନା ପ୍ରଦାନ କରିଥିଲେ। ଆଲୋଚନା ପୂର୍ବକ ଭୀମ ଭୋଇ ଭିଉକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଗୁଡ଼ିକ ବିଭିନ୍ନ ବ୍ଲକରେ ଚଳିତ ମାସ ତା ୧୭.୦୧.୨୦୨୫ ରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ମାସ ତା ୧୮.୦୨.୨୦୨୫ ରିଖ ପର୍ଯ୍ୟନ୍ତ ଚାଲୁ ରହିବ। ତା ୧୭.୦୧.୨୦୨୫ ରିଖରେ ଦଶରଥପୁର ବ୍ଲକ, ତା ୨୧.୦୧.୨୦୨୫ ରିଖାରେ ବରୀ ବ୍ଲକ, ତା ୨୪.୦୧.୨୦୨୫ ରିଖରେ ବିଂଝାରପୁର ବ୍ଲକ, ତା ୨୮.୦୧.୨୦୨୫ ରିଖରେ ରସୁଲପୁର ବ୍ଲକ, ତା ୩୧.୦୧.୨୦୨୫ ରିଖରେ ସୁକିନ୍ଦା ବ୍ଲକ, ତା ୦୪.୦୨.୨୦୨୫ ରିଖରେ ଦାନଗଦି ବ୍ଲକ୍, ତା ୦୭.୦୨.୨୦୨୫ ରିଖ ଓ ତା ୧୨.୦୨.୨୦୨୫ ରିଖରେ ଧର୍ମଶାଳା ବ୍ଲକ୍, ତା ୧୧.୦୨.୨୦୨୫ ରିଖରେ ଯାଜପୁର ବ୍ଲକ୍, ତା ୧୪.୦୨.୨୦୨୫ ରିଖରେ କୋରେଇ ବ୍ଲକ, ତା ୨୯.୦୧.୨୦୨୫ ରିଖ ଓ ୧୮.୦୨.୨୦୨୫ ରିଖରେ ବଡ଼ଚଣା ବ୍ଲକରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଶ୍ରୀ ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ , ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ପରିବହନ ଅଧିକାରୀ, ଡି.ଡି.ଆର.ସି ର କର୍ମକର୍ତ୍ତା, ଜିଲ୍ଲା ସାମଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜିକ ସୁରକ୍ଷା ବିଭାଗ ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜେଲ ଯାଇପାରନ୍ତି ଟ୍ରମ୍ପ୍

**ୱାଶିଂଟନ,୫।୧(ଏଜେନ୍ସି):** ଜଣେ ପର୍ଣ୍ଣ ଷ୍ଟାରଙ୍କୁ ଚୁପ୍ ରହିବା ପାଇଁ ଟଙ୍କା ଦେବା ମାମଲାରେ ନ୍ୟୁୟର୍କର ଜଜ୍ ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଦଣ୍ଡବିଧାନର ତାରିଖ ସ୍ଥିର କରିଛନ୍ତି । ଏହା ସହିତ ନିଷ୍ପତ୍ତି ନିଆଯାଇଛି ଯେ ରିପବ୍ଲିକାନ୍ ନେତା ଆମେରିକାର ପ୍ରଥମ ରାଷ୍ଟ୍ରପତି ହେବେ ଯିଏ ଦୋଷୀ ସାବ୍ୟସ୍ତ ଅପରାଧୀ ଭାବରେ ହ୍ୱାଇଟ ହାଉସ୍କୁ ଯିବେ । ଏହି ମାମଲାରେ ବିଚାରପତି ଜାନୁଆରୀ ୧୦କୁ ଦଣ୍ଡବିଧାନ ପାଇଁ ଦିନ ଧାର୍ଯ୍ୟ କରିଛନ୍ତି । ତାଙ୍କୁ ଜେଲ୍ ପଠାଯିବ କି ନାହିଁ ତାହା ନ୍ୟୁୟର୍କ କୋର୍ଟର ବିଚାରପତି ଜୁଆନ ମାର୍ଚେନ୍ ରାୟ ଦେବେ । ଟଙ୍କା ଦେଇ ଚୁପ୍ ରହିବା ମାମଲାରେ ଜଜ୍ ମାର୍ଚେନ୍ ଟ୍ରମ୍ପଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏଥିରୁ ଗୋଟିଏ କଥା ସ୍ଥିର ହୋଇଛି ଯେ, ଟ୍ରମ୍ପ ଆମେରିକାର ପ୍ରଥମ ରାଷ୍ଟ୍ରପତି ହେବେ ଯିଏ ଦୋଷୀ ସାବ୍ୟସ୍ତ ହୋଇ ହ୍ୱାଇଟ୍ ହାଉସ୍ ଯିବେ । ଜଜ୍ ମାର୍ଚେନ୍ ଦଣ୍ଡାଦେଶ ତାରିଖ ସ୍ଥିର କରି ସୂଚାଇ ଦେଇଛନ୍ତି ଯେ, ମାମଲାର ଶୁଣାଣି ଶେଷ ହୋଇଛି । ଜାନୁଆରୀ ୨୦ରେ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଶପଥ ଗ୍ରହଣ କରିବାର ୧୦ଦିନ ପୂର୍ବରୁ ଏହି ରାୟ ପ୍ରଦାନ କରାଯିବ । ବିଚାରପତି କହିଛନ୍ତି ଯେ,



କ୍ଷମତାର ପରିବର୍ତ୍ତନରେ ତାଙ୍କର କର୍ତ୍ତବ୍ୟ ଯୋଗୁ ଡୋନାଲ୍ଡ ଟ୍ରମ୍ପ ଜାନୁଆରୀ ୧୦ କୋର୍ଟର ପ୍ରକ୍ରିୟାରେ ଦୂରେଇ ରହି ଅଂଶଗ୍ରହଣ କରିପାରିବେ । ଡୋନାଲ୍ଡ ଟ୍ରମ୍ପଙ୍କ ଦଣ୍ଡାଦେଶ ତାରିଖ ପୂର୍ବରୁ ୧୧ ଜୁଲାଇ ୨୦୨୩ ପାଇଁ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ତାଙ୍କ ଓକିଲଙ୍କ ଅନୁରୋଧ କ୍ରମେ ଦୁଇଥର ସ୍ଥଗିତ ରଖାଯାଇଥିଲା । ଶେଷରେ ରାଷ୍ଟ୍ରପତି ନିର୍ବାଚନ ପରେ ନଭେମ୍ବର ଶେଷ ତାରିଖ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା । ତା'ପରେ ଟ୍ରମ୍ପ ନିର୍ବାଚନରେ ଜିତିଲେ ଏବଂ ବିଚାରପତି ପ୍ରକ୍ରିୟା ବନ୍ଦ କରିଦେଲେ ତେଣୁ ସେ କଣ କରିବେ ତାହା ସେହି ନିଷ୍ପତ୍ତି ନେଇପାରିବେ । ବିଚାରପତି ଦଣ୍ଡ ଘୋଷଣା ନ କରିବା ପର୍ଯ୍ୟନ୍ତ ଏ ବିଷୟରେ କିଛି କୁହାଯାଇପାରିବ ନାହିଁ । ତେବେ ସେ କହିଛନ୍ତି ଯେ, ଆଇନ ଅନୁଯାୟୀ ସରକାରୀ ଓକିଲ ଏବଂ ଟ୍ରମ୍ପଙ୍କୁ ସେମାନଙ୍କ ମତାମତ ଉପସ୍ଥାପନ କରିବାର ସୁଯୋଗ ମିଳିବ । ଏନେଇ ଦଣ୍ଡାଦେଶ ଜରିମାନା ଠାରୁ ଆରମ୍ଭ କରି ଚାରି ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାନଦେଶ ହୋଇପାରେ । କିନ୍ତୁ ଜଜ୍ ଶୁକ୍ରବାର ଲେଖିଛନ୍ତି ଯେ, ସର୍ତ୍ତମୂଳକ ଡିସଚର୍ଜ କୁହାଯାଉଥିବା ସବୁଠାରୁ କାର୍ଯ୍ୟକ୍ଷମ ବିକଳ୍ପ ହୋଇପାରେ । ଏହା ଜେଲ, ଜରିମାନା କିମ୍ବା ପ୍ରୋବେସନ ବିନା ମାମଲା ଶେଷ କରିଥାଏ କିନ୍ତୁ ବିନା ସର୍ତ୍ତମୂଳକ ଡିସଚର୍ଜ ସହିତ ଅଭିଯୁକ୍ତଙ୍କର ଦୋଷ ଲିପିବଦ୍ଧ ହୋଇଥିବା ସେ କହିଛନ୍ତି ।

# ୧୩ ବର୍ଷ ପରେ ବାଂଲାଦେଶ ଯିବେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ

ପାକିସ୍ତାନ**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ବାଂଲାଦେଶରେ ଶେଖ ହସିନାଙ୍କୁ କ୍ଷମତାରୁ ହଟାଇବା ପରେ ଏବେ ପାକିସ୍ତାନ ବାଂଲାଦେଶ ପ୍ରତି ନିଜର ବନ୍ଧୁତା ପ୍ରଦର୍ଶନ କରୁଛି । ପାକିସ୍ତାନୀ ସେନା ବାଂଲାଦେଶ ସେନାକୁ ତାଲିମ ଦେଉଥିବା ଖବର ମଧ୍ୟରେ ପାକିସ୍ତାନର ଉପମୁଖ୍ୟମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇଶାକ ଡାର ଢାକା ଗସ୍ତ ଘୋଷଣା କରିଛନ୍ତି । ୧୩ ବର୍ଷ ପରେ ଏହା ପାକିସ୍ତାନୀ ବୈଦେଶିକ ମନ୍ତ୍ରୀଙ୍କ ବାଂଲାଦେଶ ଗସ୍ତ ହେବାକୁ ଯାଉଛି । ସେ ଆସନ୍ତା ମାସରେ ବାଂଲାଦେଶ ଗସ୍ତ କରିବେ । ୨୦୧୨ ପରଠାରୁ ପାକିସ୍ତାନୀ ମନ୍ତ୍ରୀଙ୍କର ଏହା ପ୍ରଥମ ଗସ୍ତ। ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ ଇଶାକ ଡାର ଫେବୃଆରୀ ୨୦୨୫ରେ ବାଂଲାଦେଶ ଗସ୍ତ କରିବେ । ଗତ ମାସରେ କାଇରୋରେ ଅନୁଷ୍ଠିତ ଡି-୮ ଶିଖର ସମ୍ମିଳନୀରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏବଂ ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କୁ ଭେଟିବାର ସପ୍ତାହକ ପରେ ଏହି ଘୋଷଣା କରାଯାଇଛି । ଏହାପୂର୍ବରୁ ୨୦୧୨ରେ ବାଂଲାଦେଶର ରାଜଧାନୀ ଢାକା ଗସ୍ତରେ ଯାଇଥିବା ବୈଦେଶିକ ମନ୍ତ୍ରୀ ହିନା ରବ୍ବାନୀ ଖାର ଶେଷ ବୈଦେଶିକ ମନ୍ତ୍ରୀ ଥିଲେ । ଇସଲାମାବାଦରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଇଶାକ ଡାର କହିଛନ୍ତି ଯେ, ସେ ୩-୫ଫେବୃଆରିରୁ



ମାଲେସିଆ ଗସ୍ତ କରିବେ । ସେଠାରୁ ଫେରିବା ପରେ ଫେବୃଆରି ୫ କିମ୍ବା ପରେ ବାଂଲାଦେଶ ଗସ୍ତରେ ଯିବାର ସମ୍ଭାବନା ରହିଛି । ହସିନା ସରକାରଙ୍କ ପତନ ପରେ ପାକିସ୍ତାନ ଏବଂ ବାଂଲାଦେଶ ସେମାନଙ୍କ ସମ୍ପର୍କକୁ ସୁଦୃଢ କରିବାକୁ ଚେଷ୍ଟା କରୁଛନ୍ତି । ଇଶାକ ଡାର କହିଛନ୍ତି ଯେ, ବାଂଲାଦେଶ ଆମର ହଜିଯାଇଥିବା ଭାଇ ପରି । ବର୍ତ୍ତମାନ ଆମର ଲକ୍ଷ୍ୟ ହେଉଛି ପରସ୍ପର ସହିତ ଅର୍ଥନୈତିକ ଏବଂ ବାଣିଜ୍ୟିକ ସହଯୋଗକୁ ମଜବୁତ କରିବା । ବାଂଲାଦେଶର କାର୍ଯ୍ୟକାରୀ ନେତା ମହମ୍ମଦ ୟୁନୁସ ମଧ୍ୟ ପାକିସ୍ତାନ ଗସ୍ତ କରିବାକୁ ଯାଉଛନ୍ତି । ଏକ ରିପୋର୍ଟ ଅନୁଯାୟୀ, ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଇଶାକ ଡାର ନିଶ୍ଚିତ କରିଛନ୍ତି ଯେ, ମହମ୍ମଦ ୟୁନୁସ ମଧ୍ୟ ସହମତି ପ୍ରକାଶ କରିଛନ୍ତି ଯେ, ସେ ଜାରି ହୋଇଥିବା ତାରିଖରେ ପାକିସ୍ତାନ ଗସ୍ତ କରିବେ । ପାକିସ୍ତାନରୁ ରପ୍ତାନୀ ଉପରେ ଲାଗିଥିବା ପ୍ରତିବନ୍ଧକକୁ ବାଂଲାଦେଶ ହଟାଇ ଦେଇଛି । ବର୍ତ୍ତମାନ ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ ସିଧାସଳଖ ବାୟୁ ଏବଂ ସମୁଦ୍ର ବାଣିଜ୍ୟ ଆରମ୍ଭ ହୋଇଛି । ଏହି କାରଣରୁ ଉତ୍ତର-ପୂର୍ବରେ ଭାରତୀୟ ଆତଙ୍କବାଦୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପହଞ୍ଚିବା ଏକ ବଡ଼ ବିପଦ ସୃଷ୍ଟି କରିଛି । କିନ୍ତୁ ଏ ସମ୍ପର୍କରେ ବାଂଲାଦେଶର ସେନା ମୁଖ୍ୟ କହିଛନ୍ତି ଯେ, ଭାରତର ସୁରକ୍ଷା ପ୍ରତି ବିପଦ ଥିବା ବାହିନୀକୁ ଆମେ କୌଣସି ସାହାଯ୍ୟ ପ୍ରଦାନ କରିବୁ ନାହିଁ । ବନ୍ଧୁତ୍ୱର ନୂତନ ସମ୍ପର୍କକୁ ଆହୁରି ମଧୁର କରିବା ପାଇଁ କରାଚିରୁ ପ୍ରଥମ ପ୍ରତ୍ୟକ୍ଷ କାର୍ଗୋ ଜାହାଜ ନଭେମ୍ବରରେ ବାଂଲାଦେଶର ଚିଟାଗଙ୍ଗ ବନ୍ଦରରେ ପହଞ୍ଚିଥିଲା । ଅଧିକାରୀମାନେ କହିଛନ୍ତି ଯେ, ଉଭୟ ଦେଶର ଦ୍ୱିପାକ୍ଷିକ ବାଣିଜ୍ୟରେ ଏହା ଏକ ବଡ଼ ପଦକ୍ଷେପ । ଏହା ପରେ, ଦ୍ୱିତୀୟ ମାଲବାହୀ ଜାହାଜ ଡିସେମ୍ବରରେ ସିଧାସଳଖ ପାକିସ୍ତାନରୁ ବାଂଲାଦେଶରେ ପହଞ୍ଚିଥିଲା । ଏହାପୂର୍ବରୁ ବାଂଲାଦେଶ ମଧ୍ୟ ପାକିସ୍ତାନକୁ ସିଧାସଳଖ ବିମାନ ଉଡ଼ାଣ ଘୋଷଣା କରିଛି । ପାକିସ୍ତାନୀ ବୈଦେଶିକ ମନ୍ତ୍ରୀ ବାଂଲାଦେଶକୁ 'ଭାଇ ଦେଶ' ବୋଲି କହିଛନ୍ତି । ନିକଟରେ ବିବୃତ୍ତିରେ କୁହାଯାଇଛି ଯେ ବାଂଲାଦେଶକୁ ପାକିସ୍ତାନ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇବ। ଉଭୟ ପାକିସ୍ତାନ ଏବଂ ଚୀନ୍ ବର୍ତ୍ତମାନ ବାଂଲାଦେଶ ସହିତ ଅତି ଘନିଷ୍ଠ ସମ୍ପର୍କ ବଜାୟ ରଖିଛନ୍ତି, ଯେଉଁ କାରଣରୁ ଭାରତ ବିରୋଧୀ ବିବୃତି ମଧ୍ୟ କ୍ରମାଗତ ଭାବରେ ସେମାନଙ୍କ ପକ୍ଷରୁ ଆସୁଛି ।

# ଚୀନରେ 'ହ୍ୟୁମାନ ମେଟାନ୍ୟୁମୋ ଭାଇରସ୍'ଆତଙ୍କ

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** କରୋନା ମହାମାରୀର ୫ ବର୍ଷ ପରେ ଚୀନରେ ପୁଣି ଆତଙ୍କ ଖେଳାଇଲାଣି ଆଉ ଏକ ରହସ୍ୟମୟ ଭାଇରସ୍ । ଏହି ଭାଇରସ୍ ର ନାଁ ହେଉଛି 'ହ୍ୟୁମାନ ମେଟାନ୍ୟୁମୋ ଭାଇରସ୍' । ଏହି ନୂଆ । ଭୂତାଣୁକୁ ନେଇ ଏବେ ଚିନ୍ତାରେ ପଡିଛି ଚୀନ । ବର୍ତ୍ତମାନ ସୁଦ୍ଧା ଚୀନରେ ୭,୮୩୪ଟି ସଂକ୍ରମଣ ମାମଲା ସାମ୍ନାକୁ ଆସିଥିବା ବେଳେ ସେଥିମଧ୍ୟରୁ ୧୭୦ ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି । ଏଥିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭିଡ଼ ଜମିଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କରୋନା ଭଳି ମଧ୍ୟ ଶ୍ୱାସକ୍ରିୟାକୁ ସଂକ୍ରମିତ କରୁଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଏହି ଭୂତାଣୁ ଦ୍ରୁତବେଗରେ ସଂକ୍ରମିତ ହେଉଛି । ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ସରକାର ବ୍ୟାପକ ପଦକ୍ଷେପ ନେଇଛନ୍ତି । ଏପରି କି ଚୀନ ସରକାର ଏଥିପାଇଁ ଜରୁରୀପରିସ୍ଥିତି ଘୋଷଣା କରିଥିବା କେତେକ ସାମାଜିକ ଗଣମାଧ୍ୟମରେ କୁହାଯାଇଛି। ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଚୀନର କେତେକ ସ୍ଥାନକୁ କଣ୍ଟେନମେଣ୍ଟ ଜୋନ୍ ଚିହ୍ନଟ କରାଯାଇଛି । ଏପରିକି ବିଭିନ୍ନ ରାଜ୍ୟ ସୀମାକୁ ବନ୍ଦ କରାଯାଇଛି । ତେବେ ଏ ନେଇ ଚୀନ୍ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ରିପୋର୍ଟ ଅନୁସାରେ, ଡିସେମ୍ବର



୧୬ରୁ ୨୨ ତାରିଖ ମଧ୍ୟରେ ଏହି ଭୂତାଣୁ ସଂକ୍ରମଣ ଆରମ୍ଭ ହୋଇଛି । ଚୀନର ରୋଗ ନିୟନ୍ତ୍ରଣ ଏବଂ ନିରୋଧକ ପ୍ରାଧିକରଣ ଏହି ମାମଲାର ଯାଞ୍ଚ କରିବା ସହ ଲ୍ୟାବ୍ ରିପୋର୍ଟିଂ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି । ତେବେ ଏଥିରେ ଆକ୍ରାନ୍ତ ଲୋକଙ୍କର ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେଉଛି । ସଂକ୍ରମିତଙ୍କଠାରେ ଫ୍ଲୁ ଭଳି ଲକ୍ଷଣ ଦେଖାଯାଉଛି। କରୋନା ଭଳି ଜ୍ୱର ଆସୁଥିବା କୁହାଯାଉଛି । ସ୍ୱାସ୍ଥ୍ୟ ଅଧିକାରୀ ସ୍ଥିତି ଉପରେ ନଜର ରଖିଛନ୍ତି । ଏକ ମିଡିଆ ରିପୋର୍ଟ ଅନୁସାରେ ଏହି ଭାଇରାସ ପ୍ରଥମେ ୨୦୦୧ରେ ଚିହ୍ନଟ ହୋଇଥିଲା। ଏହା ସାଧାରଣତଃ ୧୪ ବର୍ଷରୁ କମ ବୟସର ପିଲା ମାନଙ୍କ ଠାରେ ଦେଖାଦିଏ । ଛୋଟ ପିଲା, ବୟସ୍କ ବ୍ୟକ୍ତିମାନଙ୍କୁ ଏହି ରୋଗ ହେବାର ଆଶଙ୍କା ଅଧିକ ।

# ବାଣ କାରଖାନାରେ ବିସ୍ଫୋରଣ : ୬ ମୃତ

**ଚେନ୍ନାଇ,୫।୧(ଏଜେନ୍ସି):** ତାମିଲନାଡୁ ବିରୁଧନଗର ଜିଲ୍ଲାରେ ଏକ ବାଣ କାରଖାନାରେ ବିସ୍ଫୋରଣ ।ଜଳିଯାଇ ୬ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ବାଣ କାରଖାନାରେ କାମ ଚାଲିଥିବା ବେଳେ ଏହି ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣରେ ରାସାୟନିକ ମିଶ୍ରଣ ପ୍ରକ୍ରିୟା ଯୋଗୁଁ ଏହି ବିସ୍ଫୋରଣ ଘଟିଥିବା କୁହାଯାଉଛି । ବିସ୍ଫୋରଣରେ ଅନେକ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଉଦ୍ଧାରକାରୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି । ଏହି କାରଖାନାରେ ୩୫ରୁ ଅଧିକ କୋଠରୀରେ ୮୦ରୁ ଅଧିକ ଶ୍ରମିକ କାମ କରୁଥିଲେ । ଆପାନାୟାକାନପାଟୀ ପଞ୍ଚାୟତର ବୋମ୍ମାୟପୁରମ୍ ଗାଁରେ ଏହି ବାଣ କାରଖାନା ରହିଥିବା ବେଳେ ବାଲାଜି ନାମକ ଜଣେ ବ୍ୟକ୍ତିଙ୍କ ନାମରେ ରହିଛି । ମୃତକମାନେ ହେଲେ ଭେଲମୁରୁଗାନ୍, ନାଗରାଜ, କନ୍ନନ୍, କାମରାଜ, ଶିବକୁମାର ଏବଂ ମୀନାକ୍ଷୀ ସୁନ୍ଦରମ୍ ବୋଲି ଜଣାପଡ଼ିଛି । ଏହା ବ୍ୟତୀତ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ବିରୁଧୁନଗର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

# ପୁଣି ଥରିଲା କଚ୍ଛ

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ଗୁଜରାଟର କଚ୍ଛରେ ଶନିବାର ପୁଣି ଥରେ ଭୂକମ୍ପର ଝଟକା ଅନୁଭବ ହୋଇଛି ।ଭୂକମ୍ପର କେନ୍ଦ୍ର କଚ୍ଛର ଦୁଧଇ ନିକଟରେ ଥିବାର କୁହାଯାଉଛି । ରିକ୍ଟର ସ୍କେଲରେ ଏହି ଭୂକମ୍ପର ତୀବ୍ରତା ୩.୮ ମପା ଯାଇଛି । ଭୂକମ୍ପ ସନ୍ଧ୍ୟା ପାଖାପାଖି ୪.୩୭ ସମୟରେ ହୋଇଛି । ଗୁଜରାଟରେ ଗତ ୪ଦିନରେ ଏହା ଦ୍ୱିତୀୟ ଥର , ଯେବେ ଭୂକମ୍ପର ଝଟକା ଅନୁଭବ କରାଯାଇଛି । ଗତ ପ୍ରଥମ ଜାନୁଆରୀରେ ମଧ୍ୟ ଜିଲ୍ଲାରେ ଭୂକମ୍ପର ଝଟକା ଅନୁଭବ କରାଯାଇ ଥିଲା । ଗୁଜରାଟର କଚ୍ଛ ଜିଲ୍ଲାରେ ଜାନୁଆରୀ ପହିଲାରେ ବୁଧବାର ସକାଳେ ଏକ ଭୂକମ୍ପ ଆସି ଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୨ ମପା ଯାଇ ଥିଲା । ଭୂକମ୍ପ ଅନୁସନ୍ଧାନ ସଂସ୍ଥା (ଆଇଏସଆର)ପକ୍ଷରୁ ସେୟାର କରାଯାଇ ଥିବା ସୂଚନା ମୁତାବିକ, ଭୂକମ୍ପର ଝଟକା ସକାଳ ୧୦ଟା ୨୪ ମିନିଟରେ ରୁଜୁ କରାଯାଇ ଥିଲା । ଏହାର ଏପିସେଣ୍ଟର ଭଚାଉରୁ ୨୩ କିଲୋମିଟର ଉତ୍ତର-ଉତ୍ତର ପୂର୍ବରେ ରହିଥିଲା । କହି ରଖୁଛୁ କି, ଏହି କ୍ଷେତ୍ରରେ ଗତ ମାସରେ ୩ରୁ ଅଧିକ ତୀବ୍ରତାର ୪ଟି ଭୂକମ୍ପ ରେକର୍ଡ କରାଯାଇ ଥିଲା । ଡିସେମ୍ବର ମାସର ଶେଷରେ ଆସିଥିବା ୩.୨ ତିବ୍ରତାର ଭୂକମ୍ପର କେନ୍ଦ୍ର ମଧ୍ୟ ଭଚାଉର ନିକଟରେ ଥିଲା । ୨୩ ଡିସେମ୍ବରରେ ମଧ୍ୟ କଚ୍ଛ ଜିଲ୍ଲାରେ ୩.୭ ତୀବ୍ରତାର ଭୂକମ୍ପ ଆସି ଥିଲା। ୭ ଡିସେମ୍ବରରେ ମଧ୍ୟ ୩.୨ ତୀବ୍ରତାର ଭୂକମ୍ପ ରେକର୍ଡ କରାଯାଇ ଥିଲା । ୧୮ ନଭେମ୍ବରରେ କଚ୍ଛରେ ଏକ ଜୋରଦାର ଭୂକମ୍ପ ଆସିଥିଲା, ଯାହାର ତୀବ୍ରତା ୪ ଥିବା ମପା ଯାଇ ଥିଲା ।

# ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ ଲାଗିବ କଟକଣା

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ଦେଶରେ ଖୁବ୍‌ଶୀଘ୍ର ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ କଟକଣା ଲାଗିବ । କୌଣସି ଅଳ୍ପ ବୟସର ପିଲା ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲିଲେ ଅଭିଭାବକଙ୍କ ଅନୁମତି ଦରକାର ପଡ଼ିବ । କେନ୍ଦ୍ର ସରକାର ଜାରି କରିଥିବା ଚିଠା ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନରେ ଏହି ବ୍ୟବସ୍ଥା କରିଛନ୍ତି । ଏହା ଉପରେ ଫେବ୍ରୁଆରି ୧୮ ସୁଦ୍ଧା ମତାମତ ଦେବାକୁ ଅଂଶୀଦାରମାନଙ୍କୁ କୁହାଯାଇଛି। ନୂଆ ଆଇନରେ ଲୋକମାନଙ୍କ ପାଖରେ ସେମାନଙ୍କ ତଥ୍ୟର ଅଧିକ ନିୟନ୍ତ୍ରଣ ରହିବ । ଲୋକମାନେ ଚାହିଁଲେ କୌଣସି ତଥ୍ୟ ଡିଲିଟ୍ କରିବା ଲାଗି ଦାବି କରିପାରିବେ । ବ୍ୟକ୍ତିଗତ ତଥ୍ୟ ଅଧିକାରକୁ ନେଇ କମ୍ପାନୀଗୁଡ଼ିକ ଅଧିକ ସ୍ୱଚ୍ଛ ନୀତି ଆଣିବେ ଏବଂ ଲୋକଙ୍କ ତଥ୍ୟ ସଂଗ୍ରହ ପୂର୍ବରୁ ସେମାନଙ୍କୁ ତାହାର କାରଣ ବିଷୟରେ କମ୍ପାନି ଆଗୁଆ ଜଣାଇବା ଭଳି ବ୍ୟବସ୍ଥା ନୂଆ ଆଇନରେ ରହିବ । ଏହି ଆଇନର ଉଲ୍ଲଂଘନ କଲେ କମ୍ପାନୀକୁ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ମୋଟା ଅଙ୍କର ଜରିମାନା ଗଣିବାକୁ ପଡ଼ିବ । ଶିଶୁ ଓ ଦିବ୍ୟାଙ୍ଗମାନଙ୍କ ତଥ୍ୟ ପ୍ରକ୍ରିୟାକରଣ ପୂର୍ବରୁ ଅଭିଭାବକଙ୍କ ଅନୁମତି ନେବାକୁ ଚିଠା ଆଇନରେ ବ୍ୟବସ୍ଥା କରାଯାଇଛି । ଏଥିରେ ଇ-କମର୍ସର ମଧ୍ୟ ସଂଜ୍ଞା ନିର୍ଦ୍ଧାରଣ କରାଯାଇଛି। ଅନଲାଇନ୍ ଗେମିଂରେ ମଧ୍ୟସ୍ଥ ସଂସ୍ଥାର ମଧ୍ୟ ସଂଜ୍ଞା ଧାର୍ଯ୍ୟ କରାଯାଇଛି ।

# ଦେଶରେ ଦାରିଦ୍ର୍ୟ ହାର ୫ ପ୍ରତିଶତ ତଳକୁ ହ୍ରାସ

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ଅଭାବ ଅନଟନରେ ଜୀବନଯାପନ କରୁଥିବା ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇଛି । ଦେଶରେ ସେଭଳି ଲୋକ ଆଉ ବେଶି ନାହାନ୍ତି । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଜାରି କରିଥିବା ରିପୋର୍ଟକୁ ଅନୁଶୀଳନ କରିବା ପରେ ଏଭଳି କିଛି ଚିତ୍ର ସାମ୍ନାକୁ ଆସୁଛି। ଦେଶରେ ଦାରିଦ୍ର୍ୟ ହାର ୫ ପ୍ରତିଶତ ତଳକୁ ହ୍ରାସ ପାଇଥିବା ସହ ଉତ୍କଟ ଦାରିଦ୍ର୍ୟ ନଗଣ୍ୟ ସ୍ତରରେ ଥିବା ଷ୍ଟେଟ୍ ବ୍ୟାଙ୍କ କହିଛି । ଷ୍ଟେଟ୍ ବ୍ୟାଙ୍କ ଏହାର ରିପୋର୍ଟରେ ଜଣାଇଛି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦାରିଦ୍ର୍ୟ କମ୍ ହୋଇଛି। ନିକଟରେ କେନ୍ଦ୍ର ସରକାର ଜାରି କରିଥିବା ଉପଯୋଗିତା ବ୍ୟୟ ସର୍ବେକ୍ଷଣ ତଥ୍ୟକୁ ଆଧାର କରି ଷ୍ଟେଟ୍ ବ୍ୟାଙ୍କ ଏହି ନିର୍ଯାସରେ ପହଞ୍ଚିଛି । ୨୦୧୧-୧୨ରେ ଦେଶର ଗ୍ରାମୀଣ ଦାରିଦ୍ର୍ୟ ହାର ୨୫.୭ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଥିଲା। ୨୦୨୨-୨୩ରେ ତାହା ୭.୨ ପ୍ରତିଶତ ଏବଂ ୨୦୨୩-୨୪ରେ ୪.୮୬ ପ୍ରତିଶତକୁ ଖସିଆସିଛ । ଗ୍ରାମାଞ୍ଚଳରେ ଅର୍ଥନୈତିକ ଦୃଷ୍ଟିରୁ ସବାତଳେ ଥିବା ୫ ପ୍ରତିଶତ ଲୋକଙ୍କ ଉପଯୋଗିତା ବିବାରୁ ସେମାନଙ୍କ ସ୍ଥିତିରେ ଉନ୍ନତି ଘଟିଛି । ସହରାଞ୍ଚଳରେ ଦାରିଦ୍ର୍ୟ ହାର ୨୦୧୧-୧୨ରେ ୧୩.୭ ପ୍ରତିଶତ ଥିଲା ଯାହା ୨୦୨୩-୨୪ରେ ୪.୦୯ ପ୍ରତିଶତକୁ ଖସିଆସିଥିବା ଷ୍ଟେଟ୍ ବ୍ୟାଙ୍କ ଜଣାଇଛି । ରିପୋର୍ଟରେ କୁହାଯାଇଛି ଯେ ଭିତ୍ତିଭୂମିରେ ଉନ୍ନତି ହେବା ଫଳରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଥିବା ଅନ୍ତର ଦୂର ହୋଇଛି । ଆୟ ଅସମାନତା ମଧ୍ୟ ହ୍ରାସ ପାଇଛି।ୟ ସରକାର ବିଭିନ୍ନ ଯୋଜନାକୁ ଡିବିଟି(ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର) ଜରିଆରେ କାର୍ଯ୍ୟକାରୀ ମଧ୍ୟ ଦାରିଦ୍ର୍ୟ ହ୍ରାସର ଅନ୍ୟତମ କାରଣ କୁହାଯାଉଛି । ପ୍ରଫେସର ସୁରେଶ ତେନ୍ଦୁଲକରଙ୍କ ନେତୃତ୍ୱାଧୀନ କମିଟି ଧାର୍ଯ୍ୟ କରିଥିବା ଫର୍ମୁଲା ଅନୁସାରେ ଗ୍ରାମାଞ୍ଚଳରେ ନୂଆ ଦାରିଦ୍ର୍ୟ ସୀମା ରେଖା ୧୬୩୨ ଟଙ୍କା ଏବଂ ସହରାଞ୍ଚଳରେ ୧୯୪୪ ଟଙ୍କା ଥିବା ଷ୍ଟେଟ୍ ବ୍ୟାଙ୍କ ଆକଳନ କରିଛି । ୨୦୧୧-୧୨ରେ ଦାରିଦ୍ର୍ୟ ସୀମା ରେଖା ଗ୍ରାମାଞ୍ଚଳରେ ୮୧୬ ଟଙ୍କା ଓ ସହରାଞ୍ଚଳରେ ୧୦୦୦ ଟଙ୍କା ଥିଲା।

# କଂଗ୍ରେସ ଆସିଲେ ସମସ୍ତଙ୍କୁ ସ୍ୱାସ୍ଥ୍ୟବୀମା

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ମାସକ ପରେ ଦିଲ୍ଲୀ ବିଧାନସଭା ନିର୍ବାଚନ । ନିର୍ବାଚନ ଲାଗି ସରଗରମ ହେଲାଣି ରାଜନୀତି । ଶାସକ ଦଳ ଆପ୍, ବିରୋଧୀ ବିଜେପି ଓ କଂଗ୍ରେସ ରଣନୀତି ସହ ମୈଦାନକୁ ଓହ୍ଲାଇଲେଣି । ପୂଜାରୀଙ୍କୁ ନେଇ ଆପ୍ ଖାସ ଯୋଜନା କରିଥିବା ବେଳେ ବିରୋଧୀ ବିଜେପି ପ୍ରାର୍ଥୀଙ୍କ ଲାଗି ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଠିକ୍ ସେମିତି କଂଗ୍ରେସ ବି ଲୋକାଭିମୁଖୀ ଯୋଜନା କରି ଭୋଟ୍ ନେବା ପାଇଁ ପ୍ଲାନ କରିଛି । ବିଶେଷ ଭାବରେ ମହିଳାଙ୍କୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ଦଳ ଯଦି ଦିଲ୍ଲୀରେ ସରକାର କରେ ତାହାଲେ ମହିଳାଙ୍କୁ ମାସକୁ ୩ ହଜାର ଟଙ୍କା ସହିତ ସ୍ୱାସ୍ଥ୍ୟ ବୀମା ମଧ୍ୟ ପ୍ରଦାନ କରାଯିବ । କେବଳ ଏତିକି ନୁହେଁ ଆହୁରି ଅନେକ ଯୋଜନା ଦଳ ପକ୍ଷରୁ କରାଯାଇଛି । ଖୁବଶୀଘ୍ର ଦଳ ପକ୍ଷରୁ ନିର୍ବାଚନୀ ଇସ୍ତାହାର ପ୍ରକାଶ କରାଯିବା ନେଇ ସୂଚନା ମିଳିଛି । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁସାରେ, ଜାନୁଆରୀ ୬ ତାରିଖରେ କଂଗ୍ରେସର ବରିଷ୍ଠ ନେତା ପ୍ରେସମିଟ୍ କରି ଦଳର ନିର୍ବାଚନୀ ଇସ୍ତାହାର ଘୋଷଣା କରିବେ । ଏହାପରେ ପରେ ଦଳର ଜାତୀୟ ନେତା ଦିଲ୍ଲୀ ନିର୍ବାଚନ ଲାଗି ପ୍ରଚାର ମଇଦାନକୁ ଓହ୍ଲାଇବେ। ପୂର୍ବରୁ ଆପ୍ ଓ ବିଜେପି ପ୍ରଚାର ମୈଦାନକୁ ଓହ୍ଲାଇ ସାରିଛନ୍ତି । କେବଳ ଓହ୍ଲାଇଛନ୍ତି ତାହା ନୁହେଁ ବରଂ ମୋଦି ଗତକାଲି ଉଭୟ କଂଗ୍ରେସ ଓ ଆପକୁ କଡ଼ା ଟାର୍ଗେଟ୍ କରିଥିଲେ । କହିଥିଲେ, ଦେଶରେ ଲଗାତାର ୧୦ ବର୍ଷ କଂଗ୍ରେସ ସରକାର କରିବା ପରେ ବି ବିକାଶ ଯେମିତି ହେବାର ଥିଲା ସେମିତି ହେଲା ନାହିଁ । ରାଜ୍ୟ ସରକାର କେନ୍ଦ୍ରକୁ ସହଯୋଗ କଲେ ବିକାଶ ଡବଲ ହେବ ବୋଲି କହିବା ସହିତ ସହରର ବିକାଶ ହେଲେ ଦେଶର ବିକାଶ ହେବ ବୋଲି ମୋଦି କହିଛନ୍ତି । ସେପଟେ, ଆପ୍ ପକ୍ଷରୁ କେଜ୍ରିୱାଲ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି । ଏଥର ବିଶେଷ ଭାବରେ ବ୍ରାହ୍ମଣଙ୍କ ଲାଗି ଯୋଜନା କରାଯାଇଥିବାରୁ ଚର୍ଚ୍ଚା ଜୋର ଧରିଛି । ଦିଲ୍ଲୀ ନିର୍ବାଚନ ଲାଗି ଆରମ୍ଭ ହୋଇଥିବା ହାଇଭୋଲଟେଜ୍ ପ୍ରଚାର ଭିତରେ ସାମାନ୍ୟ ପଛରେ ପଡ଼ିଯାଇଛି କଂଗ୍ରେସ ବୋଲି ଚର୍ଚ୍ଚା ହେଉଥିବା ବେଳେ ଦଳର ନେତା କହିଛନ୍ତି, କଂଗ୍ରେସ କେବେ ପଛରେ ରହିବନି । ଆମେ ଲୋକଙ୍କ ଲାଗି କଣ କରିବୁ ସେନେଇ ନିର୍ବାଚନୀ ଇସ୍ତାହାର ଆସନ୍ତା ୬ ତାରିଖରେ ପ୍ରକାଶ ପାଇବ । ସେହି ପ୍ରତିଶୃତିର କାର୍ଡ ନେଇ ଲୋକଙ୍କୁ ଭୋଟ୍ ମାଗିବୁ । ଆମେ ଯାହା କହୁ ତାହା କରୁ । ତେଣୁ ଏଥର ଦିଲ୍ଲୀରେ ନିଶ୍ଚିତ କଂଗ୍ରେସ ଆସିବ । ଏହାସହ ଦିଲ୍ଲୀ ନିର୍ବାଚନ ପ୍ରଚାର ପାଇଁ କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ, ମହାସଚିବ ପ୍ରିୟଙ୍କା ଗାନ୍ଧୀଙ୍କ ସହ ଜାତୀୟ ସ୍ତରର ଅନେକ ନେତା ପ୍ରଚାର ମୈଦାନକୁ ଓହ୍ଲାଇବେ ।

# ରାଜ୍ୟରେ ଟଙ୍କା ବଦଳରେ ମିଳୁଛି ବଡ ବଡ ଚାକିରି

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ବିହାରରେ ତେଜୁଛି ବିପିଏସସି ରଦ୍ଦ ପାଇଁ ଦାବି । ୨ୟ ଦିନରେ ଆମରଣ ଅନଶନ ଜାରି ରଖିଛନ୍ତି ଜନସ୍ୱରାଜ ଦଳର ମୁଖ୍ୟ ପ୍ରଶାନ୍ତ କିଶୋର । ପଟନା ଗାନ୍ଧୀ ମଇଦାନରେ ଚାଲିଛି ଅନଶନ ଓ ସହ ଧାରଣା ପ୍ରଦର୍ଶନ । ଏହା ଭିତରେ ବିହାର ସରକାରଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି ପ୍ରଶାନ୍ତ । ସେ କହିଛନ୍ତି ରାଜ୍ୟରେ ଟଙ୍କା ବଦଳରେ ମିଳୁଛି ବଡ ବଡ ଚାକିରି । ବିକ୍ରି ହୋଇସାରିଛି ବିପିଏସସି । ରାଜ୍ୟ



ସରକାରଙ୍କ ଜାଣତରେ ବଡ ବଡ ଡିଲ ହେଉଛି ଓ ଏଠାରେ ଦେକୋଟି ଟଙ୍କାରେ ମିଳୁଛି ଡିଏସପି ପଦବୀ। ବିହାର ଲୋକ ସେବା ଆୟୋଗ(ବିପିଏସ୍ସି) ପରୀକ୍ଷାକୁ ନେଇ ବିରୋଧ ପ୍ରଦର୍ଶନ କରାଯାଉଛି । ଏସବୁ ମଧ୍ୟରେ ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ଗୁରୁବାର ଆମରଣ ଅନଶନ ଆରମ୍ଭ କରିଛନ୍ତି । ବିପିଏସ୍ସି ପ୍ରିଲିମ୍ ପରୀକ୍ଷା ରଦ୍ଦ ଲାଗି ରାଜ୍ୟର ଛାତ୍ରୀଛାତ୍ର ଦାବି କରୁଥିବା ସତ୍ତ୍ୱେ ତାହା ହେଉ ନ ଥିବା ଜବାବରେ ସେ ଅନଶନରେ ବସିଥିବା ଜଣାପଡ଼ିଛି । ବିପିଏସ୍ସି ଛାତ୍ରମାନଙ୍କ ବିରୋଧ ପ୍ରଦର୍ଶନରେ ସାମିଲ ହେବାକୁ ନେଇ ପ୍ରଶାନ୍ତ କିଶୋର କହିଛନ୍ତି, ବିହାର ସରକାର ଅହଙ୍କାରୀ । ମୁଁ ତାଙ୍କୁ ବିରୋଧ କରୁଛି । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଛାତ୍ରୀଛାତ୍ରଙ୍କୁ ଭେଟିବା ଉଚିତ ବୋଲି ମନେ କଲେ ନାହିଁ, ହେଲେ ଛାତ୍ରମାନେ ଆନ୍ଦୋଳନରୁ ହଟିବାକୁ ସହମତି ପ୍ରକାଶ କରିଛନ୍ତି । ଯେତେବେଳେ ମୁଖ୍ୟମନ୍ତ୍ରୀ କହୁଛନ୍ତି ଯେ ପରୀକ୍ଷା ଆୟୋଜନ କରାଯାଇପାରିବ ନାହିଁ, ସେତେବେଳେ ଆମ ଭଳି ଲୋକ କେବଳ ଗୋଟିଏ ରାସ୍ତା, ଏଣୁ ମୁଁ ଅନିଶ୍ଚିତକାଳ ପାଇଁ ଅନଶନ କରିବାକୁ ଯାଉଛି ବୋଲି ସେ କହିଛନ୍ତି । ପ୍ରଶାନ୍ତ କିଶୋର ଏହି ଘୋଷଣା ଐତିହାସିକ ଗାନ୍ଧୀ ମଇଦାନରେ କରିଛନ୍ତି । ସେ ନିଜର ଅନଶନ ନେଇ କହିଛନ୍ତି ଯେ, ମୋର ଦାବିରେ ପରୀକ୍ଷା ରଦ୍ଦ କରିବା ଏବଂ ନୂଆ ପଦ୍ଧତିରେ ପରୀକ୍ଷା ଆୟୋଜିତ କରିବା ସାମିଲ ଅଛି । ୭୦ ତମ ବିପିଏସସିର ପ୍ରିଲିମ ପରୀକ୍ଷା ରଦ୍ଦ ଦାବିରେ ଗାନ୍ଧୀ ମୈଦାନରେ ପ୍ରଶାନ୍ତଙ୍କ ଆମରଣ ଅନଶନରେ ଜନସ୍ୱରାଜ ପାର୍ଟିର ମୁଖ୍ୟ ପ୍ରଶାନ୍ତ କିଶୋର ନୀତୀଶ ସରକାରଙ୍କୁ କଡା ସମାଲୋଚନା ।ଏହା ସବୁଠୁ ବଡ଼ ଦୁର୍ନୀତି ବୋଲି କହିଛନ୍ତି ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର। ଏଥିସହ ସରକାର ଦାବି ନଶୁଣିଲା ଯାଏ ଅନଶନରୁ ନଉଠିବାକୁ ଚେତାବନି ଦେଇଛନ୍ତି ।

# ପାକିସ୍ତାନର ଆଣବିକ କ୍ଷେପଣାସ୍ତ୍ର ଟାର୍ଗେଟରେ ଇସ୍ରାଏଲ୍

**ଇସଲାମାବାଦ,୫।୧(ଏଜେନ୍ସି):** ପାକିସ୍ତାନର ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଗତ ମାସରେ ଧ୍ୟାନ ଆକର୍ଷଣ କରିଥିଲା ଯେତେବେଳେ ଆମେରିକା ଏହା ସହ ଜଡିତ କମ୍ପାନୀଗୁଡିକ ଉପରେ ପ୍ରତିବନ୍ଧକ ଘୋଷଣା କରିଥିଲା । ଆମେରିକାର ଏହି ଘୋଷଣା ପରେ ପାକିସ୍ତାନରେ ସଙ୍କଟ ସୃଷ୍ଟି ହୋଇଛି । ଆମେରିକାର ଡେପୁଟି ନ୍ୟାସନାଲ ସିକ୍ୟୁରିଟି ପରାମର୍ଶଦାତା ଜୋନାଥନ ଫିନର ପାକିସ୍ତାନର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ଆମେରିକା ପାଇଁ ବିପଦ ବୋଲି ବର୍ଣ୍ଣନା କରିଛନ୍ତି । ଏହି ସମୟରେ, ପାକିସ୍ତାନର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଉପରେ ପ୍ରତିବନ୍ଧକ ଇସ୍ରାଏଲ କାରଣରୁ ଆମେରିକା ହଟାଇ ଦେଇଛି ବୋଲି ଚର୍ଚ୍ଚା ହେଉଛି । ପାକିସ୍ତାନର ରଣନୈତିକ ବିଶେଷଜ୍ଞ ଡକ୍ଟର କମର ଚିମା ତାଙ୍କ ପୋଡକାଷ୍ଟରେ ପାକିସ୍ତାନୀ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଛନ୍ତି । ପାକିସ୍ତାନର କାଇଦେ-ଏ-ଆଜମ ବିଶ୍ୱବିଦ୍ୟାଳୟର ରାଜନୈତିକ ତଥା ଅନ୍ତର୍ଜାତୀୟ ସମ୍ପର୍କ ବିଭାଗର ଡିନ୍ ଡକ୍ଟର ଜାଫର ନୱାଜ ଜସପାଲଙ୍କ ସହ କଥାବାର୍ତ୍ତା ବେଳେ କମର ଚିମାଙ୍କୁ ପ୍ରଶ୍ନ କରାଯାଇଥିଲା ଯେ, ଆମେରିକା ପାକିସ୍ତାନର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ଇସ୍ରାଏଲ ପାଇଁ ବିପଦ ବୋଲି ବିଚାର କରୁଛି କି ?ଏହା ଉପରେ ଡକ୍ଟର ଜସପାଲ କହିଛନ୍ତି ପାକିସ୍ତାନର ଶାହିନ୍-୩ କ୍ଷେପଣାସ୍ତ୍ର ୨୭୦୦ କିଲୋମିଟର ଦୂର ଲକ୍ଷ୍ୟଭେଦ କରିବାକୁ ସକ୍ଷମ ।

# ବଢିଲା ଚର୍ଚ୍ଚା : ଏନଡିଏକୁ ଫେରିବେ ଉଦ୍ଧବ

**ନୂଆଦିଲ୍ଲୀ,୫।୧(ଏଜେନ୍ସି):** ମହାରାଷ୍ଟ୍ର ଏମିତି ଏକ ରାଜ୍ୟ, ଯେଉଁଠି ରାଜନୀତି କେତେବେଳେ କେଉଁ ମୋଡ଼ ନେବ କହିବା ମୁସ୍କିଲ । କାରଣ ସଜସଜ ଦେବେନ୍ଦ୍ର ଫଡାନାଭିସଙ୍କୁ ଖୋଲାଖୋଲି ପ୍ରଶଂସା କରିଛନ୍ତି ଉଦ୍ଧବ ଠାକରେ । ପୂର୍ବରୁ ବି ଏନଡିଏ ସହ ଲମ୍ବା ସମୟ ଧରି ଶାସନ କରିଥିଲେ ଉଦ୍ଧବ । ହେଲେ ଅସନ୍ତୋଷ ହେବା ପରେ ଉଦ୍ଧବ ଏନଡିଏରୁ ବାହାରି ଆସିଥିଲେ । ନିର୍ବାଚନରେ କଂଗ୍ରେସ ଓ ଶରତଙ୍କ ଏନସିପି ଗୋଷ୍ଠୀରେ ସାମିଲ ହୋଇ ନିର୍ବାଚନ ଲଢିଥିଲା ଉଦ୍ଧବଙ୍କ ଦଳ । କିନ୍ତୁ ନିର୍ବାଚନରେ ଶୋଚନୀୟ ପରାଜୟ ପରେ ପୁଣି ଥରେ କ୍ଷମତାକୁ ଫେରିବାକୁ ବଳ କଷୁଛନ୍ତି ଉଦ୍ଧବ । କୁହାଯାଉଛି କି, ପୁରୁଣା ଘରକୁ ଫେରିବାକୁ ସେ କସରତ ବି କରୁଛନ୍ତି। ବୋଧହୁଏ ସେଇଥି ଲାଗି ଖୁଲମଖୁଲା ଫଡନାଭିସଙ୍କୁ କରୁଛନ୍ତି ପ୍ରଶଂସା । ଅନେକ ସମୟରେ ଦେଖାଯାଇଛି କି, ଶାସକ ଦଳର ନେତାଙ୍କୁ ବିରୋଧୀ ସବୁବେଳେ ଷଣ୍ଢଆସୀ ଆକ୍ରମଣ କରନ୍ତି । ଏମିତିକି, ପ୍ରତି କାମରେ ବିରୋଧ କରନ୍ତି । ଏହାଏକ ସ୍ୱାଭାବିକ ପ୍ରକ୍ରିୟା । କିନ୍ତୁ ନିର୍ବାଚନ ସରିବାର ୨ ମାସ ଅନ୍ତରରେ ଶାସକ ଦଳର ନେତାଙ୍କୁ ବିରୋଧୀ ଏମିତି ପ୍ରଶଂସା କରିବା କୋଚିତ ଦେଖାଯାଏ । ସଂପାଦକୀୟରେ ଉଦ୍ଧବ ଲେଖିଛନ୍ତି, ଦେବେନ୍ଦ୍ର ରାଜ୍ୟର ବିକାଶ ଲାଗି ଯେଉଁ କାମ କରୁଛନ୍ତି ତାହା ପ୍ରଶଂସନୀୟ ଖାସ କରି ନକ୍ସଲପ୍ରବଣ ଜିଲ୍ଲାରେ ଅନେକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି, ଯାହାଦ୍ୱାରା କେବଳ ସେହି ସବୁ ଜିଲ୍ଲାର ବିକାଶ ହେବ ତାହା ନୁହେଁ ବରଂ ପୁରା ରାଜ୍ୟର ବିକାଶ ହେବ ବୋଲି ଉଦ୍ଧବ କହିଛନ୍ତି । ଏହାସହ ଆଶା ରଖିଛନ୍ତି, ଗଡଚିରୋଲୀ ଜିଲ୍ଲାରେ କିଛି ନୂଆ କାମ ହେବ । ସେଠାରେ ଗରିବୀଙ୍କ ସଂଖ୍ୟା ଅଧିକ ଥିବାରୁ ନକ୍ସଲବାଦ ବଢିଛି । ରକ୍ତପାତ ହେଉଛି, ଅଯଥାରେ ଜୀବନ ଯାଉଛି । ଯେହେତୁ ଗଡଚିରୋଲୀ ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ବିକାଶର କଥା କହିଛନ୍ତି ତେଣୁ ବିକାଶ ନିଶ୍ଚିତ ହେବ ଏବଂ ନକ୍ସଲବାଦ କମିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁସାରେ, ବିଏମସି ନିର୍ବାଚନ ପୂର୍ବରୁ ଓଲଟପାଲଟ ହୋଇପାରେ ମହାରାଷ୍ଟ୍ର ରାଜନୀତି । ଏମିତିକି ପାୱାର ଗୋଷ୍ଠୀ ଓ ଉଦ୍ଧବ ଏନଡିଏ ଏକାଠି ହୋଇପାରନ୍ତି ।

